୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.27. No.97 Bhubaneswar Saturday May 24 2025 | ୨୭ତମ ବର୍ଷ ସଂଖ୍ୟା-୯୭ ଭୁବନେଶ୍ୱର, ଶନିବାର, ମଇ ୨୪, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

# ପରିକ୍ରମା ପ୍ରକଳ୍ପ ବେଳେ ଭଙ୍ଗା ଯାଇଥିବା ମଠ ମନ୍ଦିରର ହେବ ପୁନର୍ବାସ

ପୁରୀ,୨୩।୫(ପି.ଏନ): ମଠ, ମନ୍ଦିର ପୁନଃ ସ୍ଥାପିତ କରିବେ ରାଜ୍ୟ ସରକାର । ପରିକ୍ରମା ପ୍ରକଳ୍ପ ବେଳେ ଭଙ୍ଗାଯାଇଥିବା ମଠ, ମନ୍ଦିର ହେବ ପୁନର୍ବାସ । ଏନେଇ ନୀତିଗତ ନିଷ୍ପତ୍ତି ନିଆଯାଇଛି। ଖାଲି ସେତିକି ନୁହେଁ, ୧୯ ଟି ମଠକୁ ପୁନର୍ବାସ ପାଇଁ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଯାଇଛି ।ଗୋଟିଏ ସ୍ଥାନରେ ମଠଗୁଡ଼ିକର ବିଜେସ୍ଥଳୀ ସ୍ଥାପନ ହେବ । ଏନେଇ ପୁରୀରେ ଜାଗା ଚିହ୍ନଟ ହୋଇଛି । ଗୋଟିଏ ସ୍ଥାନରେ ବିଜେସ୍ଥଳୀ ରହିଲେ ଶ୍ରଦ୍ଧାଳୁଙ୍କ ପାଇଁ ଦର୍ଶନ ଓ ସେବା ପୂଜା ସୁବିଧା ହେବ । ଏନେଇ ଦେବୋତ୍ତର କମିଶନରଙ୍କ ସହ ଦୁଇ ଥର ବୈଠକ



ମଧ୍ୟ ହୋଇଛି ମଠ, ମନ୍ଦିର ପୁନଃ ସ୍ଥାପିତ କରିବେ ରାଜ୍ୟ ସରକାର । ପରିକ୍ରମା ପ୍ରକଳ୍ପ ବେଳେ ଭଙ୍ଗାଯାଇଥିବା ମଠ, ମନ୍ଦିର ହେବ ପୁନର୍ବାସ । ଏନେଇ ନୀତିଗତ ନିଷ୍ପତ୍ତି ନିଆଯାଇଛି। ଖାଲି ସେତିକି ନୁହେଁ, ୧୯ ଟି ମଠକୁ ପୁନର୍ବାସ ପାଇଁ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଯାଇଛି ।ଗୋଟିଏ ସ୍ଥାନରେ ମଠଗୁଡ଼ିକର ବିଜେସ୍ଥଳୀ ସ୍ଥାପନ ହେବ । ଏନେଇ ପୁରୀରେ ଜାଗା ଚିହ୍ନଟ ହୋଇଛି । ଗୋଟିଏ ସ୍ଥାନରେ ବିଜେସ୍ଥଳୀ ରହିଲେ ଶ୍ରଦ୍ଧାଳୁଙ୍କ ପାଇଁ ଦର୍ଶନ ଓ ସେବା ପୂଜା ସୁବିଧା ହେବ । ଏନେଇ ଦେବୋତ୍ତର କମିଶନରଙ୍କ ସହ ଦୁଇ ଥର ବୈଠକ ମଧ୍ୟ ହୋଇଛି

# ଦିବ୍ୟାଙ୍ଗଙ୍କୁ ଚିହ୍ନଟ ନ କରି ଭିନ୍ନକ୍ଷମ ଶିବିରରେ କରାଯାଉଛି ଉପହାସ




ଭୁବନେଶ୍ୱର,୨୩।୫(ପି.ଏନ): ଦିବ୍ୟାଙ୍ଗଙ୍କୁ ଚିହ୍ନଟ ନ କରି ଉପହାସ କରାଯାଉଛି । ଏଭଳି ଅଭାବନୀୟ ଘଟଣା ସାମ୍ନାକୁ ଆସିଛି ରାୟଗଡ଼ାର ମୁନିଗୁଡ଼ା ବ୍ଲକରୁ । ଦିବ୍ୟାଙ୍ଗ ଚିହ୍ନଟ ପାଇଁ ସ୍ୱତନ୍ତ୍ର କ୍ୟାମ୍ପ କରାଯାଇଥିଲେ ବି ସ୍ୱାସ୍ଥ୍ୟ ଅଧିକାରୀ ଓ ସ୍ଥାନୀୟ ପ୍ରଶାସନର ମନମାନି ଯୋଗୁ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ପ୍ରମାଣ ପତ୍ର ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି ।କିଏ ଅଭିନୟ କରୁଛି ? ଦିବ୍ୟାଙ୍ଗ ନା ସରକାରୀ ବାବୁ । ଏପରି ଅଭିଯୋଗ ଆସିଛି ରାୟଗଡ଼ାର ମୁନିଗୁଡ଼ାରୁ । ଦିବ୍ୟାଙ୍ଗ ଚିହ୍ନଟ ପାଇଁ ସରକାରଙ୍କ ପକ୍ଷରୁ ଚିହ୍ନଟ କ୍ୟାମ୍ପ ଚାଲିଛି । ଯେଉଁ ବ୍ୟକ୍ତି ୮୦ ପ୍ରତିଶତ ଦିବ୍ୟାଙ୍ଗ ସେମାନଙ୍କୁ ଚିହ୍ନଟ କରାଯିବ । ହେଲେ ଚିହ୍ନଟ କରୁଥିବା ଅଭିଜ୍ଞ ଡାକ୍ତର ଦିବ୍ୟାଙ୍ଗଙ୍କୁ ଅଭିନୟ କରୁଥିବା କହି ଉପହାସ କରୁଛନ୍ତି ।

ସମ୍ପର୍କୀୟଙ୍କୁ କୋରାପୁଟ ପଠାଇ ଦେବାକୁ କୁହାଯାଉଛି। ନବେ ଓ ଶତ ପ୍ରତିଶତ ଦିବ୍ୟାଙ୍ଗ ୧୮ ଓ ୪୦ ପ୍ରତିଶତ ଦିବ୍ୟାଙ୍ଗ ବୋଲି ପ୍ରମାଣପତ୍ର ଦିଆଯାଉଥିବା ଅଭିଯୋଗ । ବ୍ଲକ ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗର ମନମାନିରେ ଚାଲିଛି ଦିବ୍ୟାଙ୍ଗ ଚିହ୍ନଟ ପ୍ରକ୍ରିୟା । ସରକାରୀ ତଥ୍ୟ ଅନୁସାରେ ମୁନିଗୁଡାରେ ୧ ହଜାର ୮୫ ଜଣ ଦିବ୍ୟାଙ୍ଗ ଭତ୍ତା ପାଉଥିବା ବେଳେ ସେଥିରୁ ମାତ୍ର ୧୮୨ ଜଣ ବର୍ଦ୍ଧିତ ଭତ୍ତା ପାଇଛନ୍ତି । ସାସ୍ଥ୍ୟ ବିଭାଗର ଟାଳଟୁଳ ନୀତି ଓ ଡାକ୍ତରବାବୁଙ୍କ ମନମାନି ଯୋଗୁ ଭିନ୍ନକ୍ଷମ ସରକାର ବର୍ଦ୍ଧିତ ଯୋଜନାରୁ ବାଦ ପଡି ଦୁର୍ବିସହ ଜୀବନ ବିତାଉଛନ୍ତି । ଏ ହେଉଛନ୍ତି ମୁନିଗୁଡ଼ା ବ୍ଲକ ଜଗଦଳପୁର ପଞ୍ଚାୟତ ସର୍ଗୀଗୁଡା ଗାଁର ୨୬ ବର୍ଷୀୟ ଟୁନା କୁସୁଲିଆ । ଜନ୍ମରୁ ଭିନ୍ନକ୍ଷମ ହୋଇଥିବା ବେଳେ ହାତ ଗୋଡ କାମ କରୁନି, କଥା ବି କହିପାରୁନାହାଁନ୍ତି । ଶତ ପ୍ରତିଶତ ଭିନ୍ନକ୍ଷମ ହୋଇଥିବା ନେଇ ଅଫଲାଇନରେ ତାଙ୍କୁ ପ୍ରମାଣ ପତ୍ର ମିଳିଛି । ହେଲେ ତାଙ୍କର ଆଧାରକାର୍ଡ ନ ଥିବାରୁ ଖାଉଟି ଯୋଜନାରେ ମିଳୁଥିବା ୫ କିଲୋ ଚାଉଳ ବନ୍ଦ କରିଦିଆଯାଇଛି । ବର୍ଦ୍ଧିତ ଭତ୍ତା ବି ପାଉନାହାନ୍ତି । ସେହିପରି ଅମ୍ବାଦଳା ପଞ୍ଚାୟତ ଇନ୍ଦିରାସାହିର ୨୩ ବର୍ଷୀୟ ସୁଲତାନ ସୁନା ଜନ୍ମରୁ ଦିବ୍ୟାଙ୍ଗ। ଦୁଇଟି ଯାକ ଗୋଡ଼ କାମ କରୁନି କି କଥା କହିପାରୁନାହାନ୍ତି । ନଥିବା ବେଳେ ପାଟିରେ କଥା କହିପାରୁନାହାଁନ୍ତି । ହେଲେ ତାଙ୍କୁ ଭିନ୍ନକ୍ଷମ ଶିବିରରେ ୪୦ ପ୍ରତିଶତର ପ୍ରମାଣ ପତ୍ର ଦିଆଯାଇଛି । ରଘୁବାରି ଗ୍ରାମର ବିଲମ୍ ସୁନାଙ୍କ ୪ବର୍ଷର ଶିଶୁ ପୁତ୍ର ରିହାନ ସୁନା, ଅମ୍ବାଦଳା ନୂଆପଡାର ବେଣୁଧର ଖୋସଲାଙ୍କ ୨୨ ବର୍ଷର ଝିଅ ଭବାନୀ ଖୋସଲା, ଇନ୍ଦିରା ସାହି ରାଜାରାମ ବାଥ୍ରାଙ୍କ ଝିଅ ଗୁପ୍ତେଶ୍ୱରୀ ବାଥ୍ରା ସମସ୍ତଙ୍କ ସମାନ ଅବସ୍ଥା । ସେମାନଙ୍କୁ ଯଥାଶୀଘ୍ର ଦିବ୍ୟାଙ୍ଗ ପ୍ରମାଣ ପତ୍ର ନି ମିଳିଲେ ରାଜରାସ୍ତାରେ ଆନ୍‌ଦୋଳନ କରାଯିବ ବୋଲି ସ୍ଥାନୀୟ ବାସିନ୍ଦା ଚେତାବନୀ ଦେଇଛନ୍ତି ।

## ଶେଷ ଦିନରେ ବଡ କଥା କହିଲେ ଜଷ୍ଟିସ ଓକା: ସୁପ୍ରିମକୋର୍ଟ ସିଜେଆଇ କୈନ୍ଦ୍ରିକ, ପରିବର୍ତ୍ତନ ଆବଶ୍ୟକ

ଭୁବନେଶ୍ୱର,୨୩।୫(ପି.ଏନ): ନିଜର ଶେଷ କାର୍ଯ୍ୟ ଦିବସରେ ବଡ କଥା କହିଛନ୍ତି ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଏଏସ୍ ? ଓକା। ସେ ସୁପ୍ରିମକୋର୍ଟରେ ସଂସ୍କାର ଜରୁରୀ ବୋଲି ପାଇଁ ମତ ରଖିଛନ୍ତି। ଜଷ୍ଟିସ ଓକା କହିଛନ୍ତି, ସୁପ୍ରିମକୋର୍ଟ ହେଉଛି ପ୍ରଧାନ ବିଚାରପତି ବା ସିଜେଆଇ କୈନ୍ଦ୍ରିକ ଓ ଏଥିରେ ପରିବର୍ତ୍ତନ ଆବଶ୍ୟକ। ଜଷ୍ଟିସ ଓକା ସଙ୍କେତ ଦେଇଛନ୍ତି ଯେ ଏହି ପରିବର୍ତ୍ତନ ନୂଆ କରି ପ୍ରଧାନ ବିଚାରପତି ହୋଇଥିବା ଜଷ୍ଟିସ ବିଆର ଗବାଇଙ୍କ ସମୟରେ ହେବ। ଜଷ୍ଟିସ ଗବାଇ ଚଳିତ ମାସରେ ଦେଶର ୫୨ତମ ସିଜେଆଇ ଭାବେ ଶପଥ ନେଇଥିଲେ। ସେ ଏହି ପଦରେ ନଭେମ୍ବର ମାସ ଯାଏ ରହିବେ।ସୁପ୍ରିମକୋର୍ଟ ବାର ଆସୋସିଏସନ ପକ୍ଷରୁ ଆଜି ଜଷ୍ଟିସ ଓକାଙ୍କ ପାଇଁ ବିଦାୟକାଳୀନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜଷ୍ଟିସ ଓକା କହିଛନ୍ତି ଯେ ସୁପ୍ରିମକୋର୍ଟ ତୁଳନାରେ ହାଇକୋର୍ଟ ଅଧିକ ଗଣତାନ୍ତ୍ରିକ ଉପାୟରେ କାମ କରୁଛି। ସେ କହିଛନ୍ତି, "ହାଇକୋର୍ଟ ଗୁଡ଼ିକ କମିଟି ଜରିଆରେ କାମ କରୁଛନ୍ତି। କିନ୍ତୁ ସୁପ୍ରିମକୋର୍ଟ ହେଉଛି ପ୍ରଧାନ ବିଚାରପତି କୈନ୍ଦ୍ରିକ ।ଗତ ୩ ବର୍ଷ ମଧ୍ୟରେ ମୁଁ ଅନୁଭବ କରିଛି ଯେ ସୁପ୍ରିମକୋର୍ଟ ଗୋଟିଏ ସିଜେଆଇ କୈନ୍ଦ୍ରିକ କୋର୍ଟ। ମୁଁ ଭାବୁଛି ଯେ ଆମକୁ ଏହା ବଦଳାଇବାକୁ ପଡିବ। ସୁପ୍ରିମକୋର୍ଟରେ ଦେଶର ବିଭିନ୍ନ ଅଞ୍ଚଳରୁ ୩୪ ଜଣ ବିଚାରପତି ରହିଛନ୍ତି। ଏପରି ସ୍ଥିତିରେ ସୁପ୍ରିମକୋର୍ଟଙ୍କ ଛବି ସିଜେଆଇ କୈନ୍ଦ୍ରିକ ରହିବା ଠିକ ନୁହେଁ। ଏଥିରେ ପରିବର୍ତ୍ତନ ଆବଶ୍ୟକ। ଆପଣମାନେ ନୂଆ ସିଜେଆଇଙ୍କ ସମୟରେ ଏଥିରେ ପରିବର୍ତ୍ତନ ଦେଖିପାରିବେ। ମୁଁ ବହୁତ ଖୁସି ଯେ ଜଷ୍ଟିସ ସଞ୍ଜୀବ ଖାନ୍ନା(ମେ' ୧୩ରେ ଅବସର ନେଇ ସାରିଛନ୍ତି) ଆମକୁ ସ୍ୱଚ୍ଛତା ପଥରେ ଆଗକୁ ନେଇଥିଲେ। ସେ ପ୍ରତିଟି ନିଷ୍ପତ୍ତି ସୁପ୍ରିମକୋର୍ଟର ସମସ୍ତ ବିଚାରପତିଙ୍କୁ ବିଶ୍ୱାସକୁ ନେଇ ନେଉଥିଲେ।

# ଏନ୍‌କାଉଣ୍ଟର: ୪ ଦୁର୍ଦ୍ଦାନ୍ତ ନକ୍ସଲ ନିହତ

ଭୁବନେଶ୍ୱର,୨୩।୫(ପି.ଏନ): ମହାରାଷ୍ଟ୍ରର ଗଡଚିରୋଲି ପୁଲିସ ଓ ସିଆରପିଏଫ ଯବାନଙ୍କ ମିଳିତ ଏନକାଉଣ୍ଟରରେ ନିହତ ହୋଇଛନ୍ତି ୪ ଜଣ ଦୁର୍ଦ୍ଦାନ୍ତ ନକ୍ସଲ। ମହାରାଷ୍ଟ୍ର-ଛତିଶଗଡ ସୀମା କାୱାଣ୍‌ଡେରେ ଶୁକ୍ରବାର ସକାଳେ ହୋଇଛି ଏହି ଏନ୍‌କାଉଣ୍ଟର। ମହାରାଷ୍ଟ୍ର ପୁଲିସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଗଡଚିରୋଲିର ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ଏହି ଅପରେସନ ହୋଇଥିଲା। ଏଥିରେ ୧୨ ସି୬୦ କୋମାଣ୍ଡୋ ଟିମ୍ ?ର ୩୦୦ ଯବାନଙ୍କ ସହିତ ସିଆରପିଏଫ୍‌ର ଏକ ୟୁନିଟ ସାମିଲ ହୋଇଥିଲା। ଗୁଇନ୍ଦା ସୂଚନା ଆଧାରରେ ଗୁରୁବାରଠାରୁ କାୱାଣ୍ଡେ ଓ ନେଲଗୁଣ୍ଡା ଅଞ୍ଚଳରୁ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା। ପରେ ସେମାନେ ଇନ୍ଦ୍ରାବତୀ ନଦୀକୂଳ ଆଡକୁ ଅଗ୍ରସର ହୋଇଥିଲା ଯାହା ନିକଟରେ କାୱାଣ୍‌ଡେରେ ଖୋଲିଥିବା ଫରୱାର୍ଡ ଅପରେଟିଂ ବେସ୍ ପାଖରେ ରହିଛି ।ପ୍ରବଳ ବର୍ଷା ସତ୍ତ୍ୱେ ସର୍ଚ୍ଚ ଅପରେସନ ଚାଲିଥିବା ବେଳେ ଆଜି ସକାଳେ ଇନ୍ଦ୍ରାବତୀ ନଦୀକୂଳରେ ନକ୍ସଲଙ୍କ ସହିତ ସୁରକ୍ଷାକର୍ମୀଙ୍କର ଗୁଳି ବିନିମୟ ହୋଇଥିଲା। ପ୍ରଥମେ ନକ୍ସଲମାନେ ଆଖିବୁଜା ଗୁଳି କରି



ଥିଲେ। ସୁରକ୍ଷାକର୍ମୀମାନେ ଏହାର ଦୃଢ଼ ଜବାବ ଦେଇଥିଲେ ।ପ୍ରାୟ ଦୁଇ ଘଣ୍ଟା ଧରି ଦୁଇ ପକ୍ଷ ମଧ୍ୟରେ ପ୍ରବଳ ଗୁଳି ବିନିମୟ ହୋଇଥିଲା। ନକ୍ସଲଙ୍କ ପାର୍ଶ୍ୱରୁ ଗୁଳିମାଡ ବନ୍ଦ ହେବା ପରେ ସୁରକ୍ଷାକର୍ମୀମାନେ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନ କରିଥିଲେ। ସେତେବେଳେ ୪ ଜଣ ଦୁର୍ଦ୍ଧାନ୍ତ ନକ୍ସଲଙ୍କ ମୃତଦେହ ମିଳିଥିଲା। ମୃତଦେହଗୁଡିକ ନିକଟରୁ ଗୋଟିଏ ଅଟୋମେଟିକ ସେଲ୍‌ଫ ଲୋଡିଂ ରାଇଫଲ, ଦୁଇଟି .୩୦୩ ରାଇଫଲ୍ ଓ ଗୋଟିଏ ଦେଶୀ ବନ୍ଧୁକ ଜବତ କରାଯାଇଛି। ଏହା ସହିତ କିଛି ୱାକି-ଟକି ଓ ନକ୍ସଲଙ୍କ ଦ୍ୱାରା ବ୍ୟବହୃତ ଅନ୍ୟାନ୍ୟ ଜିନିଷ ଜବତ କରାଯାଇଛି। ବାକି ନକ୍ସଲମାନଙ୍କୁ ଧରିବା ପାଇଁ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନ ଜାରି ରହିଛି ।ଏହା ପୂର୍ବରୁ ମେ' ୨୧ ତାରିଖରେ ଛତିଗଡରେ ନକ୍ସଲଙ୍କୁ ଲାଗିଥିଲା ବଡ ଧକ୍କା। ନାରାୟଣପୁର ଜିଲ୍ଲାର ଅବୁଝମାଡ ଜଙ୍ଗଲରେ ଡିଷ୍ଟ୍ରିକ୍ଟ ରିଜର୍ଭ ଗାର୍ଡ (ଡିଆରଜି) ଟିମ୍‌ର ଏନକାଉଣ୍ଟରରେ ୨୭ ଜଣ ନକ୍ସଲ ନିହତ ହୋଇଥିଲେ। ସେମାନଙ୍କ ମଧ୍ୟରେ ଥିଲେ ବଡ ନକ୍ସଲ ନେତା ତଥା ସିପିଆଇ-ଏମ୍ ସାଧାରଣ ସଂପାଦକ ନମ୍ବାଲା କେଶବ ରାଓ ଓରଫ ବାସବରାଜୁ (୭୦)। ଗୁଇନ୍ଦା ସୂଚନା ଆଧାରରେ ଛତିଶଗଡର ନାରାୟଣପୁର, ଦନ୍ତେୱାଡା, ବିଜାପୁର ଓ କୋଣ୍ଡାଗାଁଓ ଡିଆରଜି ଟିମ୍ ଏହି ଅପରେସନରେ ସାମିଲ ହୋଇଥିଲେ। ଏହି ଅପରେସନରେ ଜଣେ ଯବାନ ସହିଦ ହୋଇଥିବା ବେଳେ ଅନେକ ଆହତ ହୋଇଥିଲେ। ଏହି ଅପରେସନ ପରେ ବିପୁଳ ମାତ୍ରାରେ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ଜବତ କରାଯାଇଛି।

## ମହାରାଷ୍ଟ୍ର ଗଡ଼ଚିରୋଲିରେ ଯବାନ-ମାଓବାଦୀ ଗୁଳିବିନିମୟ : ୪ ନକ୍ସଲ ନିପାତ

ଭୁବନେଶ୍ୱର,୨୩।୫(ପି.ଏନ): ମହାରାଷ୍ଟ୍ର ଗଡ଼ଚିରୋଲିରେ ଯବାନ-ମାଓବାଦୀ ଗୁଳିବିନିମୟ। ଯବାନଙ୍କ ଗୁଳିରେ ୪ ନକ୍ସଲ ନିପାତ। ମହାରାଷ୍ଟ୍ର-ଛତିଶଗଡ଼ ସୀମାରେ ହୋଇଛି ଏନକାଉଣ୍ଟର। ଗଡ଼ଚିରୋଲିର ଇନ୍ଦ୍ରାବତୀ ନଦୀ ନିକଟ କୱାନ୍ଦେ ଗ୍ରାମ ନିକଟରେ ହୋଇଛି ଏନକାଉଣ୍ଟର। ଗଡଚିରୋଲି ପୋଲିସ ଓ ସିଆରପିଏଫର ମିଳିତ ଅପରେସନରେ ଟଳିଛନ୍ତି ଲାଲକର୍ମୀ। ଗୁଇନ୍ଦା ସୂଚନା ଆଧାରରେ ଗତ ଗୁରୁବାରଠାରୁ ଆରମ୍ଭ ହୋଇଥିଲା ଅପରେସନ। ଅତିରିକ୍ତ ପୋଲିସ ଏସପି ରମେଶ ଓ ଏସପି ନୀଳୋତ୍ପଳ ତଥା ଡିଆଇଜି ଅଙ୍କିତ ଗୋୟଲଙ୍କ ନେତୃତ୍ୱରେ ଚାଲିଥିଲା କମ୍ବିଂ ଅପରେସନ। ଏଥିରେ ସି୬୦ କମାଣ୍ଡୋ ଫୋର୍ସ ଓ ସିଆରପିଏଫର ମୋଟ ୩୦୦ ଯବାନ ସାମିଲ ହୋଇଥିଲେ। କୱାନ୍ଦେରୁ ନେଲଗୁଣ୍ଡା ଅଞ୍ଚଳକୁ କର୍ଡନଭୁକ୍ତ କରାଯାଇ ଆରମ୍ଭ ହୋଇଥିଲା ଅପରେସନ। ଲକ୍ଷ୍ୟଭେଦୀ ହମଲା ଜରିଆରେ ଏହି ଅପରେସନ କରାଯାଇଥିଲା ବୋଲି କହିଛନ୍ତି ମହାରାଷ୍ଟ୍ର ଆଣ୍ଟିମାଓଇଷ୍ଟ ଅପରସେନ ୟୁନିଟର ମୁଖ୍ୟ ଇନ୍‌ସପେକ୍ଟର ଜେନେରାଲ ସନ୍ଦୀପ ପାଟିଲ। ମାଓବାଦୀଙ୍କ ନିକଟରୁ ଅଟୋମେଟିକ ସେଲଫ ଲୋଡିଂ ରାଇଫଲ, ୨ଟି ରାଇଫଲ, ୱାକିଟକି, କିଛି ପୁସ୍ତିକା ଆଦି ଜବତ ହୋଇଛି।

# ଆଜି ଦିଲ୍ଲୀ ଯିବେ ମୁଖ୍ୟମନ୍ତ୍ରୀ, ନୀତି ଆୟୋଗ ବୈଠକରେ ହେବେ ସାମିଲ୍



ଭୁବନେଶ୍ୱର,୨୩।୫(ପି.ଏନ): ଆଜି ଦିଲ୍ଲୀ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ରାତିରେ ଦିଲ୍ଲୀ ଗସ୍ତ କରିବେ ମୁଖ୍ୟମନ୍ତ୍ରୀ । କାଲି ନୀତି ଆୟୋଗ ବୈଠକରେ ମୁଖ୍ୟମନ୍ତ୍ରୀ ଯୋଗଦେବେ ।ଏହାପରେ ୨୫ ରେ ଏନଡିଏ ମୁଖ୍ୟମନ୍ତ୍ରୀଙ୍କ ବୈଠକରେ ମଧ୍ୟ ଯୋଗଦେବେ । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ଦିଲ୍ଲୀ ଗସ୍ତ କରିପାରନ୍ତି ।ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ବୈଠକ ବସିବାର ଅଛି। ଏଥିରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ହେବେ ସାମିଲ। ଏହି ବୈଠକରେ ୨୦୪୭କୁ ଭାରତକୁ ବିକଶିତ ଦେଶ କରି ଗଢ଼ିବା ଉପରେ ଆଲୋଚନା ହେବ। ଯୋଗଦେଇଥିବା ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ବିଭିନ୍ନ ପରାମର୍ଶ ରଖିବେ।

# ଆସୁଛି ସାବିତ୍ରୀ ବ୍ରତ : ଫଳ କିଣିବାକୁ ଲାଗିଲାଣି ଭିଡ଼

ଭୁବନେଶ୍ୱର,୨୩।୫(ପି.ଏନ): ସାବିତ୍ରୀ ପାଇଁ ଚଳଚଞ୍ଚଳ ଜଟଣୀ ବଜାର । ଦୋକାନୀ ବି ଗ୍ରାହକଙ୍କ ଆବଶ୍ୟକତାକୁ ଦେଖି ବିଭିନ୍ନ ଦେଶୀ ଫଳ ଉପଲବ୍ଧ କରିଛନ୍ତି । ଦର ଉଚ୍ଚା ରହିଲେ ବି ଲୋକଙ୍କ ଭିଡ଼ ଦେଖି ଜଟଣୀ ଫଳବଜାର ଏବେ ସରଗରମ । କାରବାର ଦେଖି ଦୋକାନୀ ବି ଖୁସ୍ ।ମଗ, ଆମ୍ବ, ପଣସ, ଲିଚୁ, ତାଳ, ଡାଳିମ୍ବ, ସପୁରୀ, ଖଜୁରି । ଦେଶୀ ଫଳରେ ମହକୁଛି ପୁରା ବଜାର । ଏ ହେଉଛି ଜଟଣୀ ଫଳ ବଜାରର ଦୃଶ୍ୟ । ଆଉ ୩ ଦିନ ପରେ ସାବିତ୍ରୀ ବ୍ରତ । ହାତରେ ଅଳ୍ପ ଦିନ ଥିବାରୁ କିଏ ଝିଅ ଘରକୁ ଭାର ପଠାଉଛି ତ କିଏ ବୋହୂ ପାଇଁ ନେଉଛନ୍ତି ଶାଢ଼ି, ଶଙ୍ଖା, ସିନ୍ଦୂର ଅଳତା । ଦର ଉଚ୍ଚ ଥିଲେ ବି ଫଳସବୁ କିଣି ନେଉଛନ୍ତି ଲୋକେ । ଜଟଣୀରେ ଫଳ ବଜାରରେ ଲାଗିଛି ଲୋକଙ୍କ ଭିଡ଼ । ସହରର ବିଭିନ୍ନ ଶାଢ଼ି ଦୋକାନ ସମେତ ମନୋହରି ଦୋକାନରେ ଜମୁଛି ଗ୍ରାହକଙ୍କ ଭିଡ । ସ୍ୱାମୀଙ୍କ ସୁସ୍ଥ ଓ ଦୀର୍ଘଜୀବନ କାମନା କରି ବ୍ରତ ପାଳିବେ ଓଡ଼ିଆ ସଧବା



ମହିଳା । ଏଥିପାଇଁ ଚଳଚଞ୍ଚଳ ବଜାର । କିନ୍ତୁ ଏସବୁ ଭିତରେ ଫଳ ଦାମ ଆକାଶ ଛୁଆଁ ହୋଇଛି । ସାବିତ୍ରୀ ବ୍ରତକୁ ଆଖି ଆଗରେ ରଖି ଅନେକ ବେପାରୀ ଚଢ଼ା ଦରରେ ବିକ୍ରି କରୁଛନ୍ତି ଫଳ.. । ପ୍ରତିବର୍ଷ ସାବିତ୍ରୀ ଆସିଲେ ବଜାରରେ ଫଳ ଦାମ ନିୟନ୍ତ୍ରଣ ବାହାରକୁ ଯାଏ । ହେଲେ ନା ପ୍ରଶାସନ ଏଥିପ୍ରତି କେବେ ବି ଧ୍ୟାନ ଦିଅନ୍ତି ନାହିଁ ।

# ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଜୁଆଙ୍ଗ ଜନଜାତି ପାଇଁ ସ୍ୱପ୍ନ ପାଲଟିଛି ପ୍ରଧାନମନ୍ତ୍ରୀ ଆବାସ ଗୃହ

ଭୁବନେଶ୍ୱର,୨୩।୫(ପି.ଏନ): ଜୁଆଙ୍ଗ ଜନଜାତିଙ୍କ ପାଇଁ ସ୍ୱପ୍ନ ପାଲଟିଛି ପ୍ରଧାନମନ୍ତ୍ରୀ ଆବାସ ଗୃହ । ତା ପୁଣି ଖୋଦ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ । କାର୍ଯ୍ୟାଦେଶରେ ୪ ବର୍ଷ ପରେ ବି ଅଧପନ୍ତରିଆ ଅବସ୍ଥାରେ ପଡିରହିଛି ୪୦ରୁ ଊର୍ଦ୍ଧ୍ୱ ଘର କାମ । ନିୟୋଜିତ ହୋଇଥିବା ଠିକାସଂସ୍ଥା କାମ ସଂପୂର୍ଣ୍ଣ ନକରି ଟଙ୍କା ନେଇ ଛୁ ମାରିଛନ୍ତି । ଫଳରେ ଭଙ୍ଗା ଦଦରା ଘରେ ଜୀବନ ବିତାଉଛନ୍ତି ହିତାଧିକାରୀ । ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ନ୍ୟାୟ ଅପେକ୍ଷାରେ ଜୁଆଙ୍ଗ ଜନଜାତି । ପିଏମ୍ ? ଆବାସ ଘର ନିର୍ମାଣ ସମ୍ପୂର୍ଣ୍ଣ ନ କରି ଛୁ ମାରିଛି ଠିକା ସଂସ୍ଥା । ଏଭଳି



ଅଭିଯୋଗ ଆସିଛି କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଗୟଳମୁଣ୍ଡା ଗାଁରୁ । ଏବେ ଭଙ୍ଗା ଘରେ ଦିନ କାଟୁଛନ୍ତି ୪୦ରୁ ଊର୍ଦ୍ଧ୍ୱ ଜୁଆଙ୍ଗ ହିତାଧିକାରୀ ପରିବାର । ମୁଣ୍ଡ ଉପରେ କୋଠାଘର ଖଣ୍ଡେ ରହିବ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୦୨୨-୨୩ ଓ ୨୦୨୩-୨୪ରେ ମିଳିଲା କାର୍ଯ୍ୟାଦେଶ । ପ୍ରଶାସନର ସୁପାରିସରେ ନିଯୁକ୍ତ ହେଲେ ଠିକାଦାର । ହିତାଧିକାରୀଙ୍କ ଦସ୍ତଖତ ନେଇ ଠିକାଦାର ଦୁଇରୁ ତିନିଟି କିସ୍ତି ଟଙ୍କା ମଧ୍ୟ ଉଠାଇନେଇଛନ୍ତି । କିନ୍ତୁ ଘର ନିର୍ମାଣ ଅଧପନ୍ତରିଆ କରି ଛାଡ଼ି ପଳାଇଛନ୍ତି । ଏବେ ଭଙ୍ଗା ଦଦରା ଘରେ ଜୀବନ ବିତାଉଛନ୍ତି ଆଦିମ ଜନଜାତି । ଗୟଳମୁଣ୍ଡା ଗାଁ ଚତୁପାର୍ଶ୍ୱରେ ଘଞ୍ଚ ଜଙ୍ଗଲ ପାହାଡ ଘେରି ରହିଛି । ଗାଁ ଭିତରକୁ ହାତୀ, ଭାଲୁ ଓ ବିଭିନ୍ନ ବନ୍ୟଜନ୍ତୁ ପଶି ଆସୁଥିବାରୁ ଆତଙ୍କିତ ଅବସ୍ଥାରେ ଲୋକେ । ଭଙ୍ଗା ଦଦରା ଘରେ ରହୁଥିବାରୁ ଜୀବନ ପ୍ରତି ବିପଦ ରହିଛି । ସମସ୍ୟା ନେଇ ହିତାଧିକାରୀ ପଞ୍ଚାୟତ ଠାରୁ ବ୍ଲକ ଯାଏଁ ଅଭିଯୋଗ କରିଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରିନାହିଁ । ଜନଜାତିଙ୍କ ଦୁର୍ଦ୍ଦଶା ପ୍ରତି ମଧ୍ୟ ସ୍ଥାନୀୟ ପ୍ରଶାସନ ଚୁପ ।

# ଚୋରା ବନ୍ଧୁକ କାରଖାନା ସର୍ଦ୍ଦାର ମହମ୍ମଦ ଅସଲାମ ଗିରଫ, ଦୀର୍ଘ ଦିନ ଧରି ପୋଲିସକୁ ଦେଉଥିଲା ଚକମା

ଭୁବନେଶ୍ୱର,୨୩।୫(ପି.ଏନ): ବିହାର ମୁଙ୍ଗେରରୁ ଧରାପଡିଲା ଗ୍ୟାଙ୍ଗଷ୍ଟାର ମହମ୍ମଦ ଅସଲମ୍ । ମୋଷ୍ଟ ୱାଣ୍ଟେଡ୍ ଅପରାଧୀ ଅସଲମକୁ ଧରିବାରେ ସଫଳ ହୋଇଛି କ୍ରାଇମବ୍ରାଞ୍ଚର ଏସଟିଏଫ୍ ଟିମ୍ ।ଓଡିଶା ସମେତ ବିହାର,ଆସାମ, ଝାଡଖଣ୍ଡ ଓ ପଶ୍ଚିମବଙ୍ଗରେ ଅସଲାମ ବିରୋଧରେ ବହୁ ମାମଲା ରହିଛି । ଅଧିକ ତଥ୍ୟ ପାଇଁ ରିମାଣ୍ଡରେ ଆଣିଲା କ୍ରାଇମବ୍ରାଞ୍ଚ ।ଟଙ୍କା ଅଗ୍ରିମ ଆକାରରେ ନେଇ ନିର୍ଦ୍ଧାରିତ ସମୟରେ ବନ୍ଧୁକ ପହଞ୍ଚାଏ । ବିଭିନ୍ନ ମାଫିଆ କଣ୍ଟ୍ରାକ୍ଟ କିଲରଙ୍କଠାରୁ ନେଇଛି ଟଙ୍କା ।












# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଉଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ ବର୍ଷୀୟ ରୋବର୍ଟ ଟାଡ୍ ଓ ୪୩ ବର୍ଷୀୟ



ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'



ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କଡ଼୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା, ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା । ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ



ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଙ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ମଇ ୨୪

# ବିପଦ ସମୟରେ ସୁଯୋଗ ସୃଷ୍ଟି ହୋଇଥାଏ

ଏକରୁ ଅନେକର ଜନ୍ମ। ସର୍ବ ଶକ୍ତିମାନ ଈଶ୍ୱର ତାଙ୍କର ଏହି ସମଗ୍ର ସଂସାରକୁ ସୁଖ ଦୁଃଖ, ଆନନ୍ଦ ଉଲ୍ଲାସ ପ୍ରଦାନ କରିଥାନ୍ତି। ଯେ ପର୍ଯ୍ୟନ୍ତ ସେହି ଗୁଣାତିତ ଏକ ଅହଂ ର ଶୂନ ସହ ସଂଯୋଗ ନହୋଇଥାଏ, ସେ ପର୍ଯ୍ୟନ୍ତ ତାହା ସଂଖ୍ୟାରେ ପରିଣତ ହୋଇନଥାଏ। ବର୍ତମାନ ଆମ ପାଖରୁ ୨୦୨୦ ବିଦାୟ ନେବାକୁ ଯାଉଛି। ମାତ୍ର ସେହି ବିଦାୟ ୨୦୨୦ରେ ଆମେ ମାତ୍ର ଏକ ସଂଖ୍ୟା ସଂଯୋଗ କରି ଆମେ ନୂତନ ଆଶା ଓ ଉଦ୍ଧୀପନାର ପରିକଳ୍ପନା କରିବାକୁ ଯାଉଛୁ। ତେଣୁ ଆସିବାକୁ ଥିବା କାଲିର ପ୍ରଭାତକୁ ଆଜି ଯଦି ମଣିଷ ଉପଲବ୍ଧି କରିବାକୁ ପ୍ରୟାସ କରିଥାଏ, ତେବେ ସମସ୍ୟା ଆପେ ଆପେ ବଦଳି ଯାଇଥାଏ। କିଛିଦିନ ପୂର୍ବରୁ 'କରୋନା' ଆଉ 'ଲକ୍‌ଡାଉନ୍' ଭଳି ଭୟଭୀତ କରୁଥିବା ଶବ୍ଦ ବର୍ତମାନ ସମସ୍ତଙ୍କୁ ସତର୍କ ରହିବାର ଶିକ୍ଷା ଓ ସନ୍ଦେଶ ଦେଇଛି। ଏହା ସତ୍ୟ ଯେ, ଆମ ସମସ୍ତିଙ୍କ ପାଇଁ ଏହି ସମସ୍ୟା ଅତି କଠିନ ପ୍ରତୀତ ହେବା ସହ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ବେପାର ବଣିଜ, ଋକିରୀ, କୃଷି ଉପରେ ଏହାର ପ୍ରଭାବ ଅତି ପ୍ରଖର ଭାବେ ପଡ଼ିଥିଲା । ଯାହା ବର୍ତମାନ ସୁଦ୍ଧା ପୁରାପୁରି ଠିକ୍ ହୋଇନାହିଁ । ବିକାଶର ଚକ ଅଟକି ଗଲା ପରେ ଅର୍ଥ ବ୍ୟବସ୍ଥା ଉପରେ ଏହାର ବହୁତ ବଡ଼ ପ୍ରଭାବ ପଡ଼ିଥିଲା । ଉଦିତ ସୂର୍ଯ୍ୟ ଉପରେ ସତେ ଯେପରି ଗ୍ରହଣ ଲାଗିଗଲା । ଏହି ସଙ୍କଟମୟ କରୋନା କାଳରେ ମଣିଷ ସମାଜ ତ୍ରସ୍ତ ହେବା ସହ ଅନେକ ଦୁର୍ବିପାକର ସାମନା କଲା । କଳକାରଖାନା, କମ୍ପାନୀ ବନ୍ଦ ହେବା ଫଳରେ ଅନ୍ୟ ରାଜ୍ୟରୁ ନିଜର ଜୀବିକା ନିର୍ବାହ ପାଇଁ ଶ୍ରମିକମାନେ ସହର ମୁହାଁ ହେଲେ ଏବଂ ଏହି ଶ୍ରମିକମାନେ ନିଜର ସୁରକ୍ଷା ପାଇଁ ଏପରିକି ପାଦରେ ହଜାରେ / ଦୁଇହଜାର କିଲୋମିଟର ଅତିକ୍ରମ କରିବାର ଦୃଶ୍ୟ ଅତ୍ୟନ୍ତ ଦୁଃଖଦ ଥିଲା।

ଏହି ସମୟରେ ଆମ ଦେଶର ସୀମା ଉପରେ ପଡ଼ୋଶୀ ଦେଶର ବକ୍ରଦୃଷ୍ଟି ରହିଥିଲା। ପାକିସ୍ତାନ ସହ ଚୀନ ଏବଂ ନେପାଳ ମଧ୍ୟ ଆଖି ଉଠାଇବାକୁ ପଛାଇ ନଥିଲା। ସରକାର ଶ୍ରମିକ ଓ କୃଷି ସମ୍ବନ୍ଧୀୟ ନୂତନ ନିୟମ ବଳରେ ଏହାର ପୂର୍ତି ପାଇଁ ପ୍ରତିଶୃତି ବଦ୍ଧ ହୋଇଥିଲେ। ତେବେ ଏଥିରେ କାହାର କେତେ ସୁଧାର ଆସିବ ଯାହା ବିଋର ଯୋଗ୍ୟ। ପ୍ରଧାନମନ୍ତ୍ରୀ ମୋଦିଙ୍କର ଆତ୍ମନିର୍ଭର ଭାରତ ଏବଂ 'ବୋକାଲ ଫର ଲୋକାଲ' ବାର୍ତା ଲୋକମାନଙ୍କ ମନରେ ଉତ୍ସାହ ଜାଗୃତି କରିଥିଲା।



ଉମାଶଙ୍କର ପ୍ରସାଦ

ବିଦାୟ ନେଉଥିବା ୨୦୨୦ର ପ୍ରତ୍ୟେକଟି ପୃଷ୍ଠା ଆମମାନଙ୍କୁ ଏକ ନୂତନ ଅନୁଭୂତିର ବାର୍ତା ଦେଇଥିଲା। ଏହି ଗ୍ରହଣ କାଳ ଅପସରି ଯିବାକୁ ବସିଲାଣି, ବର୍ତମାନ ସାରା ବିଶ୍ୱ ଆଲୋକମୟ, ସମସ୍ତିଙ୍କ ମନରୁ ଏହି କରୋନା ଭୟ ଆସ୍ତେ ଆସ୍ତେ ଦୁରିଭୂତ ହେବାକୁ ବସିଲାଣି। ଏହି ବିପଦ ଓ ସଙ୍କଟ ସମୟରେ ଲୋକମାନଙ୍କ ସହାୟତା ଏକ ଅନ୍ୟକୁ ସହଯୋଗର ହାତ ବଢ଼ାଇ ଏହି ବିପଦରୁ ନିଜକୁ ମୁକ୍ତ କରିବା ସହ ସମାଜକୁ ମଧ୍ୟ ମୁକ୍ତ କରିଥିଲେ। ବିପଦ ସମୟରେ କିପରି ଭାଙ୍ଗି ନପଡ଼ି ଏହି ବିପଦର ସମ୍ମୁଖୀନ ହୋଇ ଏହାକୁ ମୁକାବିଲା କରିବାର କଳା ପ୍ରାୟ ଅଣ୍ଡାରୁ ଭେଣ୍ଡା ପର୍ଯ୍ୟନ୍ତ ସମସ୍ତେ ଶିକ୍ଷା କରିଥିଲେ। ଏହି ସମୟର ଖେଳରେ ଅନ୍ୟକୁ ଦୋଷ ନଦେଇ ପ୍ରତ୍ୟେକ ଜଣେ ଜଣେ ଖେଳାଳୀ ହୋଇ ଯାଇଥିଲେ। ବୃତି ହରାଇଥିବା ଅନେକ ଯୁବକ ନିଜେ ନିଜେ ନିଜର ଷ୍ଟାଟ ଅପ୍ ଆରମ୍ଭ କରି ଅନ୍ୟ ବେକାରୀ ଯୁବକମାନଙ୍କୁ କର୍ମ ଯୋଗାଇବାରେ ସହାୟତା ହୋଇଥିଲେ। ରେଡିମେଡ୍ ଲୁଗା ଫ୍ୟାକ୍ଟ୍ରିରେ ପି.ପି.ଇ କିଟ୍ ପ୍ରସ୍ତୁତ ହେଲା । ୧୫୦୦ ଟଙ୍କାରେ ଲିଟର ବିକ୍ରି ହେଉଥିବା ସାନିଟାଇଜର ବର୍ତମାନ ୧୦୦ ଟଙ୍କାରେ ମିଳିଲାଣି। ଅନ୍‌ଲାଇନ୍ ଶିକ୍ଷା, ଅଫିସ୍ କାର୍ଯ୍ୟ, ସଭାସମିତି ମଧ୍ୟ ଅନ୍‌ଲାଇନ୍ ଏବଂ ୱାର୍କ ଫ୍ରମ୍ ହୋମ୍‌ର ପ୍ରଚଳନି ତୀବ୍ର ଗତିରେ ବଢ଼ିବାକୁ ଲାଗିଲା। ଗଣମାଧ୍ୟମ ସଙ୍କୁଚିତ ହେବା ସହ ଇ-ପେପର୍‌ର ମାତ୍ରା ବୃଦ୍ଧି ହେବାକୁ ଲାଗିଥିଲା । ଏହି କୋଭିଡ୍-୧୯ରୁ ନିଜକୁ ରକ୍ଷା କରିବା ପାଇଁ ମୁଖାଭରଣ ମାସ୍କର ପ୍ରଚଳନ ଅଦ୍ୟାବଧି ଜାରି ରହିଛି । କରୋନା ସମୟର ପ୍ରତ୍ୟେକଟି ସତ୍ୟକୁ ଲୋକଙ୍କ ସମ୍ମୁଖରେ ପହଁଚାଇ ବିଭିନ୍ନ ଗଣମାଧ୍ୟମ ତା'ର କର୍ତବ୍ୟ ସୁରୁରୁପେ ପାଳନ କରିଛି। ଆଜି ଆଉ ସେ ବିପଦ ନାହିଁ । ଏହାକୁ ପ୍ରତିହତ କରିବା ପାଇଁ ଭ୍ୟାକ୍ସିନ୍‌ର ପ୍ରସ୍ତୁତ ହୋଇଯାଇଛି। ଯାହା ନୂତନ ବର୍ଷର ପ୍ରଥମ ଚରଣରେ ଲୋକମାନଙ୍କୁ ଉପଲବ୍ଧି ହେବ ବୋଲି ଆଶା ଓ ବିଶ୍ୱାସ।

*ସଂପାଦକ, "ମାର୍ଗଦର୍ଶୀ ତଥା ବରିଷ୍ଠ ସାମ୍ବାଦିକ, ଭଗତ୍ ଲେନ୍, ଖୋରଧା ମୋ :୮୮୯୫୫୪୭୪୯୦*

# ପୁରା ରାଜ୍ୟକୁ କ'ଣ ମଶାରୀରେ ଢାଙ୍କି ହେବ?



ବାଦଲ ଭୂୟାଁ

କରୋନା ମାଡ଼ିଲା ପରି ସାରା ରାଜ୍ୟରେ ଡେଙ୍ଗୁ ମାଡ଼ି ଚାଲିଛି। ଡାକ୍ତର ଠାରୁ ପ୍ରଶାସନ ସମସ୍ତେ କହୁଛନ୍ତି ମଶାରୀ ଭିତରେ ରୁହ। ବର୍ତ୍ତମାନ ସମୟରେ ଯାହାଙ୍କୁ ଜଣେ ନିଜକୁ ଡେଙ୍ଗୁ ହୋଇଛି ବୋଲି କହିଲେ ଅତ୍ୟନ୍ତ ବିନୟ ଓ ସଚେତନଧର୍ମୀ କଥାଟିଏ ଶୁଣିବେ ଯେ ଡେଙ୍ଗୁ କିଛି ନୁହେଁ ମ, ଏହି ଆଜିଥ୍ରାଲ ଖାଇଦେବ, ଜର ହେଲେ ଜର ବଟିକା ଖାଇବ, ଦେହ ଟିକେ ଦୁର୍ବଳିଆ ଲାଗିବ, ଗ୍ଲୋକୋନ ଡି ଫ୍ଲୋକନ ଡି ଟିକେ ପିଇ ଦେବ ଆଉ ମଶାରୀ ଭିତରେ ଯେପରି ପୁରା ଘରେ ସମସ୍ତେ ରହୁଥିବ। ବିଶେଷଜ୍ଞଙ୍କ ମତରେ ମ୍ୟାଲେରିଆ ଏବଂ ଫାଇଲେରିଆ ଭଳି ଡେଙ୍ଗୁ ସୃଷ୍ଟିକାରୀ ଏଡ଼ିସ ମଶା ଘର ଭିତରେ ଅଣ୍ଡା ଦେଉଥିବାରୁ ଏହାକୁ ନିୟନ୍ତ୍ରଣ କରିବା କଷ୍ଟ। ମଶା ତେଲ ମଧ୍ୟ ପକାଇବା ସମ୍ଭବ ନୁହେଁ। ତେଣୁ ଲୋକଙ୍କ ସଚେତନତା ଓ ସର୍ଭେଲାନ୍ସ ଗୁରୁତ୍ୱପୂର୍ଣ୍ଣ। ବିଶେଷଜ୍ଞମାନଙ୍କ ଏ ମତ ଯେ ନିଶ୍ଚିତ ଭାବେ ସରକାରଙ୍କୁ ଆଶ୍ୱସ୍ତ କରିଥିବ ଏଥିରେ ସନ୍ଦେହ ନାହିଁ। ତେଣୁ ବାହାର ନାଳ ନର୍ଦ୍ଦମାରେ ବର୍ଜ୍ୟଜଳ ନିଷ୍କାସନ ଏବଂ ଏହାର ସଫେଇ ସେତେଟା ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଧେ। ଯେହେତୁ ଏବେ ଡେଙ୍ଗୁ ଅଣାୟତ୍ତ ହୋଇଛି, ଲକ୍ଷ୍ୟ କେବଳ ଡେଙ୍ଗୁ ମଶା ଉପରେ ରହିବା ଉଚିତ ଏଭଳି ଭାବିବା ବୋଧେ ଉଚିତ ନୁହେଁ। ବାହାର ନାଳ ନର୍ଦ୍ଦମାରେ ମ୍ୟାଲେରିଆ ଏବଂ ଫାଇଲେରିଆ ସୃଷ୍ଟିକାରୀ ମଶା ବଢ଼ିଲେ ଏହା କଣ ଲୋକଙ୍କ ପାଇଁ ଉପଭୋଗ୍ୟ ହେବ କି? ତେଣୁ ଡେଙ୍ଗୁ ନିୟନ୍ତ୍ରଣ ଦାୟିତ୍ୱ ଏବେ ଲୋକଙ୍କ ପାଖକୁ ଠେଲି ହୋଇଯାଇଛି ବିଶେଷଜ୍ଞମାନଙ୍କ ମତାମତ ବଳରେ।

କେବଳ ବୌଦ୍ଧ ଜିଲ୍ଲାକୁ ବାଦ ଦେଲ ରାଜ୍ୟର ୨୯ଟି ଜିଲ୍ଲାକୁ ଏବେ ଡେଙ୍ଗୁ କବଳିତ କରିସାରିଛି। ଖୋର୍ଦ୍ଧା ଜିଲ୍ଲା ଏଥିରେ ସର୍ବାଗ୍ରେ ରହିଛି। ଖୋର୍ଦ୍ଧା ଜିଲ୍ଲାରେ ଆମ ରାଜଧାନୀ ଭୁବନେଶ୍ୱର ଆସୁଛି। ଏଇଠି ପ୍ରଶ୍ନ ଉଠେ ରାଜଧାନୀ ଭୁବନେଶ୍ୱର ସ୍ମାର୍ଟସିଟି ମାନ୍ୟତା ପାଇଛି। ଏଠି ବେଶି ଭାଗ ବଡ଼ ବଢ଼ିଆ ରହନ୍ତି। ସମସ୍ତେ ସଚେତନ ଏବଂ ସମସ୍ତଙ୍କ ଘର ଚାକଚକ। ତେଣୁ ଘର ଭିତରେ ମଶା ଅଣ୍ଡା ଦେବାର ସୁଯୋଗ ପାଇବେ କେମିତି ସେଇଟା ହିଁ ମୂଳ ପ୍ରଶ୍ନ। ଆଉ ଏକ ପ୍ରଶ୍ନ ହେଉଛି ଘର ଭିତରୁ ମଶା ମାନଙ୍କୁ ବାହାରକୁ ତଡ଼ିବା ପାଇଁ ବୋଧେ ବାହାରେ ସେମାନଙ୍କ ପାଇଁ ଲୋଭନୀୟ ଏବଂ ସୁରକ୍ଷିତ ଆଶ୍ରୟସ୍ଥଳ ତିଆରି କରିଛନ୍ତି ପୌରପାଳିକା। ବାହାରେ ଥିବା ନାଳ ନର୍ଦ୍ଦମାଗୁଡ଼ିକର ସଫେଇ ଉପରେ ବୋଧେ ଏଇ କାରଣରୁ ବିଶେଷ ଗୁରୁତ୍ୱ ଦିଆଯାଉନି। ମଶା ଯେଉଁ ପ୍ରଜାତିର ହୁଅନ୍ତୁ ନା କାହିଁକି ଯେଉଁ ରୋଗ ସୃଷ୍ଟି କରୁଥାନ୍ତୁ ନା କାହିଁକି ଏମାନଙ୍କ କାମୁଡ଼ା ଯେ କେବେ ବି ଉପଭୋଗ୍ୟ ନୁହେଁ ଏକଥା କହିବାର ଆବଶ୍ୟକତା ନାହିଁ। ତେଣୁ ଡେଙ୍ଗୁ ମଶା ଘର ଭିତରେ ଅଣ୍ଡା ଦିଏ କହି ବାହାର ନାଳ ନର୍ଦ୍ଦମାର ସଫେଇକୁ ହାଲକା କରିଦେବା ଏକ ଚାଲାକି କେବଳ।

ମୌସୁମୀ ଆରମ୍ଭ ହେଉ ହେଉ ରାଜଧାନୀରେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ। ତେଣୁ ଅଣାୟତ୍ତ ହେବା ଯାଏ ପରିସ୍ଥିତି ଗଲା କାହିଁକି? ଏବେ କୁହାଯାଉଛି ଡେଙ୍ଗୁ ପ୍ରକୋପରୁ ନିକଟରେ ନିସ୍ତାର ନାହିଁ। ସେପ୍ଟେମ୍ବର ମାସ ଶେଷ ଆଡ଼କୁ ପ୍ରକୋପ କିଛିଟା କମିପାରେ, ତାହା ପୁଣି ବର୍ଷା ଉପରେ ନିର୍ଭର କରିବ। ଯଦି ଅକ୍ଟୋବର - ନଭେମ୍ବର ଯାଏଁ ବର୍ଷା ଲାଗି ରହିଲା ତା ହେଲେ ପ୍ରକୋପ ଜାରି ରହିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ବର୍ଷାଦିନେ ଆସିଲେ ଅନାବନା ଜଙ୍ଗଲ ଏବଂ ବୁଦା ସୃଷ୍ଟି ହେବା ପରେ ହିଁ ଏସବୁକୁ ହଟେଇବା କାମ ଆରମ୍ଭ ହୁଏ। ସାରା ବର୍ଷ ଏ ଦିଗରେ କାମ କରିବା ପାଇଁ କଣ କିଏ ବିଏମସିକୁ ମନା କରିଛି? ନିୟମିତ ଭାବରେ ନାଳ ନର୍ଦ୍ଦମା ସଫେଇ ଏବଂ ସହରର ପରିଚ୍ଛନ୍ନତା ଉପରେ ଯଦି ଦୃଷ୍ଟି ଦିଆଯାଉଥାନ୍ତା ତାହେଲେ ବୋଧେ ଏଭଳି ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା। ଏବେ ପରିସ୍ଥିତି ଅଣାୟତ୍ତ ହେବା ପରେ କୁହାଯାଉଛି। ମଶାରୀ ଭିତରେ ଶୁଅନ୍ତୁ। ବିଶେଷଜ୍ଞମାନେ କହୁଛନ୍ତି - ଡେଙ୍ଗୁ ମଶା ଦିନବେଳା କାମୁଡ଼େ। ତେଣୁ ମଶାରୀ ଭିତରେ ଥାଇ କଣ ସବୁକାମ କରିହେବ? ପୁରା ଓଡ଼ିଶାକୁ କ'ଣ ମଶାରୀରେ ଢାଙ୍କି ହେବ? ତେଣୁ ମଶା ବଂଶ ଧ୍ୱଂସ କରିବା ଏକମାତ୍ର ଲକ୍ଷ୍ୟ ହେବା ଉଚିତ।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨*

# କ୍ରୀଡ଼ା ସମ୍ବାଦ ଦାତାଙ୍କ ପାଇଁ ଦୁଇପଦ ପ୍ରେରଣା.....



ଗୋପୀନାଥ ଦାଶ

ବିଶ୍ୱରେ ହଜାର ହଜାର ପ୍ରକାର କ୍ରୀଡ଼ା ରହିଛି। ପ୍ରତି ଘଣ୍ଟାରେ କିଛି ନା କିଛି ଆଶ୍ଚର୍ଯ୍ୟଜନକ କ୍ରୀଡ଼ା ବିଷୟରେ ମଧ୍ୟ ଶୁଣିବାକୁ ମିଳୁଛି। ସାମ୍ବାଦିକ ମାନଙ୍କ ସମୟନିଷ୍ଠତା, ନିରପେକ୍ଷତା ଓ ପ୍ରତିଭା ପାଇଁ ବିଶ୍ୱର ଅଗଣିତ କ୍ରୀଡ଼ା ପ୍ରଶଂସକ କ୍ରୀଡ଼ା ସମ୍ପର୍କିତ ସୂଚନା ପାଇପାରୁଛନ୍ତି। ନିଜର ପସନ୍ଦ ଓ ମତ ଉପସ୍ଥାପନ କରିବାର ସୁଯୋଗ ବି ସେମାନଙ୍କୁ ମିଳୁଛି। ତେଣୁ କ୍ରୀଡ଼ା ପ୍ରୋତ୍ସାହନରେ କ୍ରୀଡ଼ା ସାମ୍ବାଦିକମାନଙ୍କ ଅବଦାନକୁ ଗୁରୁତ୍ୱ ଦେବା ପାଇଁ ପ୍ରତିବର୍ଷ ଜୁଲାଇ ୨ରେ ପାଳନ କରାଯାଏ ବିଶ୍ୱ କ୍ରୀଡ଼ା ସାମ୍ବାଦିକତା ଦିବସ। ୧୯୨୪ ମସିହା ଆଜିର ଦିନ ପ୍ୟାରିସ୍ ଠାରେ ଅଲିମ୍ପିକ୍ସ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ଏ ଅବସରରେ ପ୍ରତିଷ୍ଠା ହୋଇଥିଲା ଇଣ୍ଟରନ୍ୟାସନାଲ ସ୍ପୋର୍ଟସ ପ୍ରେସ ଆସୋସିଏସନ। ସେଥିପାଇଁ ଏହି ଦିନକୁ ଏକ ସରକାରୀ ଦିବସ ଭାବେ ପାଳନ କରାଯାଏ। କ୍ରୀଡ଼ା ସାମ୍ବାଦିକତା ଆଜି ପ୍ରତ୍ୟେକ ମିଡ଼ିଆ ସଂସ୍ଥା ପାଇଁ ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଛି। କ୍ରୀଡ଼ା କ୍ଷେତ୍ରରେ ଅନେକ ପ୍ରତିଭାବାନ ବଣମଲ୍ଲୀ ପରି କ୍ରୀଡ଼ାବିତମାନେ ଲୋକଲୋଚନର ଉହାଡ଼ରେ ରହି ଯାଉଛନ୍ତି। ବଡ଼ ଖୁସିର କଥା କ୍ରୀଡ଼ା ସମ୍ବାଦଦାତାମାନେ ଏ କ୍ଷେତ୍ରକୁ ଅତ୍ୟନ୍ତ ପ୍ରାଥମିକ ଓ ଗୁରୁତ୍ୱ ପ୍ରଦାନ କରି ଅନେକ କଷ୍ଟ ସ୍ୱୀକାର ପୂର୍ବକ ସେହି କ୍ରୀଡ଼ା ପ୍ରତିଭାବାନ ମାନଙ୍କ ବିଷୟରେ ସମାଜକୁ ଜଣାଇବା ପରେ ସେମାନେ ସମର୍ଥନ, ପ୍ରେରଣା, ପୃଷ୍ଠପୋଷକତା ପାଉଛନ୍ତି। ଏ କ୍ଷେତ୍ରରେ ସରକାରଙ୍କ ସହ ବେସରକାରୀ ସଂଗଠନ ଓ କ୍ରୀଡ଼ାକୁ ଭଲ ପାଉଥିବା ବ୍ୟକ୍ତିବିଶେଷ ଏପରିକି ଅନୁଷ୍ଠାନମାନେ ସହଯୋଗର ହାତ ବଢ଼ାଉଛନ୍ତି। କ୍ରୀଡ଼ା କ୍ଷେତ୍ର ଆଜିର ସମୟରେ ପିଲାମାନଙ୍କ ବ୍ୟବହାରିକ ଗୁଣକୁ ପରିବର୍ତ୍ତନ କରିବା ସହ ସେମାନଙ୍କ ଭିତରେ ଥିବା ଅନ୍ତର୍ନିହିତ କ୍ରୀଡ଼ା ସୃଜନଶୀଳତା ବାହାରକୁ ଆସି ପାରୁଛି। କ୍ରୀଡ଼ା ସମ୍ବାଦ ସଂଗ୍ରହ କଲାବେଳେ ସମ୍ବାଦ ଦାତାମାନେ ଅନେକ କଷ୍ଟଲବ୍ଧ ଘଟଣା ଓ ସମୟକୁ ସାମ୍ନା କରିଥାନ୍ତି। ପ୍ରତିକୂଳତା ଭିତରେ ଯେଉଁ ସୁନ୍ଦର କ୍ରୀଡ଼ା ସମ୍ବାଦଟି ସମଗ୍ର ବିଶ୍ୱକୁ ଚମକାଇ ଦେଇଥାଏ ତା ପଛର ସ୍ରଷ୍ଟା ମାନଙ୍କୁ ଆଜିର ଦିବସରେ ଗଭୀର ସମ୍ମାନ ପୂର୍ବକ ଅଭିନନ୍ଦନ ଓ ପ୍ରଣାମ ଜଣାଉଛୁ।

*କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ, ଅରୁଆ କଦଳୀବଣ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ଦୂରଭାଷ : ୮୮୯୫୨୯୬୧୬୭*

# ସର୍ବେ ସନ୍ତୁଃ ନିରାମୟା

ସଭ୍ୟତାର ଶ୍ରୀବୃଦ୍ଧି ସହିତ ମନୁଷ୍ୟର ସ୍ୱାସ୍ଥ୍ୟ ସଚେତନତା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଅଭୂତପୂର୍ବ ଉନ୍ନତି ଘଟିଛି। କିନ୍ତୁ ଠିକ୍ ସେହିଭଳି ଭାବରେ ଅବହେଳା ହୋଇଛି ମନୁଷ୍ୟର ଅସ୍ତିତ୍ୱର ଆଚାର ଅର୍ଥାତ୍ ସଦାଚାର। ସ୍ୱାସ୍ଥ୍ୟ ଓ ସଦାଚାର ଏପରି ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ଯେ ଗୋଟିକର ଅବହେଳାରେ ଅନ୍ୟଟି ମଧ୍ୟ କ୍ଷତିଗ୍ରସ୍ତ ହୁଏ। ତେଣୁ ଆଜିକାଲି ବିଶେଷ ଭାବରେ ଦେଖାଯାଏ ଯେ ମନୁଷ୍ୟ ସ୍ୱାସ୍ଥ୍ୟ ସଚେତନ ହୋଇ ମଧ୍ୟ ସଦାଚାର ହୀନତା ନିମିତ୍ତ ନାନା ପ୍ରକାର ଦୁରାରୋଗ୍ୟ ବ୍ୟାଧିର ଆକ୍ରମଣରେ ପୀଡ଼ିତ, ଶଙ୍କିତ ଓ ବ୍ୟତିବ୍ୟସ୍ତ। ମାନବ ସମାଜର ମାନସିକ ଓ ସାମାଜିକ ଅବକ୍ଷୟର ପଟ୍ଟଭୂମିରେ ସ୍ୱାସ୍ଥ୍ୟ-ସଦାଚାର ଓ ଚିକିତ୍ସା ଚିକିତ୍ସକ ପ୍ରସଙ୍ଗରେ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଦିଗ୍‌ଦର୍ଶନ ଏତେ ପ୍ରାସଙ୍ଗିକ, ମୌଳିକ ଓ ବିଜ୍ଞାନ ସମ୍ମତ ଯେ ତାହା ବିଂଶଶତାବ୍ଦୀର ଏକ ଆଶ୍ଚର୍ଯ୍ୟଜନକ ପରିପ୍ରକାଶ। ଏଗୁଡ଼ିକର ସୁନିଷ୍ଠ ପ୍ରୟୋଗ ଓ ପରିପାଳନ ବର୍ତ୍ତମାନ ସଂକଟମୟ ଅବସ୍ଥାରୁ ତ୍ରାଣଲାଭ କରିବାର ଏକମାତ୍ର ସହଜତମ ପଥ - ଏ ବିଷୟରେ ସନ୍ଦେହର ଅବକାଶ ନାହିଁ। ୨୦.୧୦-୧୯୩୯ ମସିହାରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସଦାଚାର ସମ୍ବନ୍ଧରେ କହିଛନ୍ତି - ପ୍ରତ୍ୟେକ ସଦାଚାର ନୀତିର ସ୍ୱାସ୍ଥ୍ୟକର ଫଳ ଅଛି। ଅଜ୍ଞାତ କୁଳଶୀଳ କାହା ହାତରେ ଖାଇବା ଠିକ୍ ନୁହେଁ। ଶରୀର ନିମିତ୍ତ ଖାଦ୍ୟପେୟ ସମ୍ବନ୍ଧରେ ବିଶେଷ ସାବଧାନ ହେବା ଆବଶ୍ୟକ। କେଉଁ ବ୍ୟକ୍ତିର କଣ ରୋଗ ଅଛି ତାହା ଜଣାନାହିଁ। ଜଣେ ହୁଏତ ସଂକ୍ରମଣ ସହନଶୀଳ, କିନ୍ତୁ ତା ହାତରୁ ଅନ୍ୟମାନେ ଖାଇଲେ ସଂକ୍ରମଣ ବ୍ୟାପିବାର ସମ୍ଭାବନା ଅଛି। ସ୍ୱପାକ ହିଁ ଶ୍ରେୟ। ଦୋକାନରେ ନଖାଇବା ହିଁ ଭଲ। ସଦାଚାର ବିହୀନ ବିପ୍ର ହାତରେ ମଧ୍ୟ ଖାଇବା ନିଷେଧ। ଅନ୍ୟ ବିଛଣାରେ ଶୋଇବା ଉଚିତ ନୁହେଁ। ଅନ୍ୟ ବ୍ୟକ୍ତିର ଲୁଗା ପିନ୍ଧିବା ମଧ୍ୟ ନିଷେଧ। ଗୋମୟରେ ଘର ଲିପିଲେ ଏଥିରେ ବହୁତ ଜୀବାଣୁ ନଷ୍ଟ ହୋଇଯାଆନ୍ତି। ସ୍ୱପାକରେ କଷ୍ଟ ହୁଏ କିନ୍ତୁ ନଷ୍ଟ ହୁଏ ନାହିଁ। ଶରୀରକୁ ସହନପଟୁ ଓ ପ୍ରକୃତି ସଙ୍ଗେ ଖାପ ଖୁଆଇ ନେବା ଉଚିତ। ଶରୀରକୁ ଇଷ୍ଟପୂଜାର ଯନ୍ତ୍ର ହିସାବରେ ବ୍ୟବହାର କରି ସୁସ୍ଥ ଓ ସହନପଟୁ ରଖିବା ଉଚିତ ଓ ଏହି ଦୃଷ୍ଟିଭଙ୍ଗୀ ନେଇ ଚାଲିବା ଉଚିତ। ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼ କଣ୍ଠରେ ପ୍ରକାଶ କଲେ - ମୋର ମନେହୁଏ ମନୁଷ୍ୟ ଯଦି କଠୋର ପରିଶ୍ରମ କରେ, ଠିକ୍ ଭାବରେ ନାମଧ୍ୟାନ କରେ, ମାନସିକ ଶାନ୍ତି ଯଦି ବଜାୟ ରଖେ, ତେବେ ଡାଲମା ଭାତ ହିଁ ଯଥେଷ୍ଟ ପୁଷ୍ଟିକାରକ ହୋଇଉଠେ। ସଦାଚାର ସମ୍ବନ୍ଧରେ ବର୍ଣ୍ଣନା କରିବାକୁ ଯାଇ କଲ୍କୀ ଅବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି (୮.୯.୧୯୪୨) - ପରିସ୍ରା ପରେ ପାଣି ନେବ, ନାକ ଓ ମୁହଁରେ ଆଙ୍ଗୁଳି ଦେଇ ହାତ ଧୋଇବ, ଅନ୍ୟର ବ୍ୟବହୃତ ଜିନିଷ ଯଥା ଜାମା, ଲୁଗା, ଗାମୁଛା, ବିଛଣା ଇତ୍ୟାଦି ବ୍ୟବହାର କରିବ ନାହିଁ, ଝାଡ଼ା ଯିବା ପରେ ଖୁବ ଭଲ କରି ସଫା ହେବ, ନିତ୍ୟ ବ୍ୟବହୃତ ଜିନିଷ ଗୁଡ଼ିକ ସବୁ ସମୟ ପରିଷ୍କାର ପରିଚ୍ଛନ୍ନ ରଖିବ, ଅସୁଖ-ବିସୁଖ ହେଲେ ରୋଗର ସଂକ୍ରମଣ ଯେପରି ନ ବଢ଼େ ସେଥିପ୍ରତି ସଜାଗ ରହିବ, ଅନ୍ୟର ଅଇଁଠା ଖାଇବ ନାହିଁ, ଗୋଟିଏ ଥାଳିରେ ସମସ୍ତେ ମିଶି ଖାଇବ ନାହିଁ, ଫଳ ପରିବା ଇତ୍ୟାଦି ଭଲ ଭାବରେ ଧୋଇ ଖାଇବ, ବାସନ ଇତ୍ୟାଦି ଭଲ ଭାବରେ ଧୋଇବ, ଋତୁମତୀ ମା ମାନେ ଶୁଦ୍ଧାଚାରେ ଚାଲିବେ, ରେଷ୍ଟୁରାଣ୍ଟ ବା ଦୋକାନରେ ଚା ବା ଜଳଖିଆ କଦାପି ଖାଇବ ନାହିଁ, ବାହାରୁ ଆସି ହାତ ପାଦ ଧୋଇ ଘରେ ପ୍ରବେଶ କରିବ, ବାସି ଲୁଗା ପିନ୍ଧି ଖାଦ୍ୟଦ୍ରବ୍ୟ ସ୍ପର୍ଶ କରିବନାହିଁ, ରୋଷେଇଘରେ ଅଗାଧୁଆ ପଶିବ ନାହିଁ, ଆମିଷ ଆହାର ବର୍ଜନ କରିବ, ପିଆଜ-ରସୁଣ ଓ ମାଦକ ଦ୍ରବ୍ୟ ବର୍ଜନ କରିବ, କଦାଚାରୀ ଲୋକର ହାତରେ ଖାଇବ ନାହିଁ, ନିୟମିତ ବ୍ୟବଧାନରେ ଉପବାସ କରିବ, ଖାଇବା ପୂର୍ବରୁ ହାତଗୋଡ଼ ମୁହଁ ଧୋଇ ଖାଇବ, ନିୟମିତ ଭାବରେ ସ୍ନାନ କରିବ ଇତ୍ୟାଦି। ପରିମିତ ଆହାର, ବିହାର, ଶ୍ରମ ଓ ବିଶ୍ରାମ ନେବା ଦ୍ୱାରା ସ୍ୱାସ୍ଥ୍ୟ ସୁସ୍ଥ ରହେ। ପାରିପାର୍ଶ୍ୱିକଙ୍କୁ ସଦାଚାରୀ କରି ଉଠାଇବ। ସମସ୍ତଙ୍କ ସହିତ ଶୁଭ ସଙ୍ଗତି ନେଇ ଚାଲିବ ଓ ନିଜେ ଏବଂ ଅନ୍ୟମାନଙ୍କ ସହ ସ୍ଫୁର୍ତ୍ତି ସହକାରେ ରହିବ। ଏଗୁଡ଼ିକ ଠିକ୍ ଠିକ୍ ଭାବରେ ପାଳନ କଲେ ସମାଜର ସ୍ୱାସ୍ଥ୍ୟ ସୁସ୍ଥ ରହିବ। ଏହା ବାଦଦେଇ ରୋଗୀର ସେବା ଶୁଶ୍ରୂଷା ଯେଉଁମାନେ କରିବେ ସେମାନଙ୍କର ପ୍ରଧାନ ଗୁଣ ହେଲା - ରୋଗୀର ମାନସିକ ସ୍ୱାସ୍ଥ୍ୟ ପ୍ରତି ବିଶେଷକରି ନଜର ଦେବେ ଓ ରୋଗୀର ମନକୁ ଉଦ୍ଦୀପ୍ତ ଓ ଉତ୍ଫୁଲ୍ଲ କରି ତୋଳିବେ। ପ୍ରୀତିକର ପରିବେଶ ନହେଲେ ମନ ଭଲ ଲାଗେନାହିଁ। ଏହିସବୁ ପରିଷ୍କାର ପରିଚ୍ଛନ୍ନତା ହେଉଛି ଶାରୀରିକ ସଦାଚାରର ଅଙ୍ଗ। ପୁନର୍ବାର ଯୁଗପୁରୁଷୋତ୍ତମ ସଦ୍‌ଗୁରୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ମାନସିକ ସଦାଚାର ଅର୍ଥ ମାନସିକ ସ୍ତରରେ ଏପରି ଚିନ୍ତା କରିବ ଓ ଏପରି ଭାବ ପୋଷଣ କରିବ ଯାହା ବଞ୍ଚିବା ଓ ବଢ଼ିବାରେ ସହାୟକ ହୁଏ। କୁତ୍ସିତ, ଅପବିତ୍ର ଓ ସଂକୀର୍ଣ୍ଣ ସ୍ୱାର୍ଥପରତା ମନକୁ ଦୁର୍ବଳ କରେ। ସେଗୁଡ଼ିକ ମାନସିକ ସଦାଚାରର ବିରୋଧୀ। ଅନ୍ୟପ୍ରତି ଦ୍ରୋହ ବୁଦ୍ଧି, ଅନ୍ୟର ଅମଙ୍ଗଳ କାମନା କରିବା, ଅନ୍ୟର କ୍ଷତି କରିବା, ପାରସ୍ପରିକ ପ୍ରୀତି ଓ ଐକ୍ୟ ପରିବର୍ତ୍ତେ ବିରୋଧ ଓ ବିଚ୍ଛେଦର କଳ୍ପନା କରିବା ଇତ୍ୟାଦିକୁ ମାନସିକ ଅସଦାଚାର କୁହାଯାଏ। ଗୋଟିଏ କଥାରେ ଇଷ୍ଟ ନିଷ୍ଠା ଓ ଇଷ୍ଟ ଚଳନ ହିଁ ମାନସିକ ସଦାଚାରର ପ୍ରଧାନ ଅଙ୍ଗ। ସଦାଚାର ପାଳନ ନକରୁଥିବା ବ୍ୟକ୍ତିଙ୍କ ହାତରୁ ଖାଇବା ଉଚିତ ନୁହେଁ। ନଖ ସନ୍ଧିରେ ଲକ୍ଷ ଲକ୍ଷ ବ୍ୟାକ୍ଟେରିଆ ବା ଭୂତାଣୁ ରହନ୍ତି। କିନ୍ତୁ ସୁସ୍ଥ ସଦାଚାରୀ ଓ ବିହିତ ସଂସ୍କାରଶୁଦ୍ଧ ହେଲେ ସେ ଯେ କୌଣସି ଧର୍ମାବଲମ୍ବୀ ହୁଅନ୍ତୁ ନା କାହିଁକି ତାଙ୍କ ହାତରୁ ଖାଇବାର କୌଣସି ବାଧା ନାହିଁ। ଲଙ୍କା ବେଶୀ ଖାଇଲେ ପେଟ ଓ ମସ୍ତିଷ୍କ ଉତ୍ତେଜିତ ହୁଏ। ଅତ୍ୟନ୍ତ ଦୃଢ଼ କଣ୍ଠରେ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - କେବଳ ସଦାଚାର ପାଳନ କଲେ ହେବନାହିଁ। ସ୍ୱାସ୍ଥ୍ୟ ରକ୍ଷାର ସମସ୍ତ ବିଧି ପାଳନ କରିବାକୁ ହେବ। ସଦାଚାର ହେଉଛି ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ। ଏହି ତିନୋଟିର ସଙ୍ଗତି ଯଦି ନହୁଏ ସଦାଚାର ପୂର୍ଣ୍ଣ ହୁଏନାହିଁ। ସଙ୍ଗତି ହେଲେ ବିଭିନ୍ନ ସ୍ତରରେ ପାରସ୍ପରିକ ଭାବରେ ସଦ୍‌ସନ୍ଦୀପନା ସହ ଶକ୍ତି ସମୃଦ୍ଧ ହୁଏ। ଇଷ୍ଟ, ବ୍ୟଷ୍ଟି ଓ ପରିବେଶ ଏହି ତିନିଟିର ସଙ୍ଗତି ହିଁ ଜୀବନ। ମୃତ୍ୟୁକୁ ମଧ୍ୟ ଅତିକ୍ରମ କରିହୁଏ। ପୁଣି ମୃତ୍ୟୁ ଭିତରେ ଯଦି ସ୍ମୃତିବାହୀ ଚେତନା ଲାଭ କରାଯାଏ ତାହା ହେଲେ ମରି ମଧ୍ୟ ମଣିଷ ଅମର ହୋଇ ରହେ। ଆୟୁଷକୁ ମଧ୍ୟ ନିୟମିତ ସାଧନା ମାଧ୍ୟମରେ ବୃଦ୍ଧି କରାଯାଇପାରେ। ଧର୍ମ ଓ ବିଜ୍ଞାନର ଯଦି ସମନ୍ୱୟ ଘଟେ ତେବେ ମନୁଷ୍ୟର ଆୟୁବୃଦ୍ଧି ହେବ। ମୃତ୍ୟୁ ଅନିବାର୍ଯ୍ୟ ହେଲେ ମଧ୍ୟ ତାହା ନିବାର୍ଯ୍ୟ ହୋଇପାରେ। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସମସ୍ତଙ୍କୁ ସକାଳେ ଥାଲକୁଡ଼ି ପତ୍ର ଖାଇବାକୁ କହିଛନ୍ତି। ଥାଲକୁଡ଼ିର ଅନ୍ୟ ନାମ ଅମୃତା। ଅମୃତ ପରି କାମ କରେ। ଛୁଁତ୍‌ମାର୍ଗ ତ୍ୟାଗ କରା ଭଲ କିନ୍ତୁ ସଦାଚାର ତ୍ୟାଗ କରିବା ଭଲ ନୁହେଁ। ସଦାଚାର ଓ ସ୍ୱପାକୀ ଯେଉଁମାନେ ସେମାନେ ଅନେକ ରୋଗ ଏଡ଼ାଇ ଚାଲିପାରନ୍ତି। ରୋଗମାନେ ଶରୀର-ମାନସ ଅସଙ୍ଗତି। ଆରୋଗ୍ୟମାନେ ପୁନର୍ବିନ୍ୟାସ। ରୁଗ୍‌ଣ ଅବସ୍ଥାରେ ନାମ ଧ୍ୟାନ ପରାୟଣ ଓ ଆତ୍ମବିଶ୍ଳେଷଣ ମୁଖର ହୋଇ ଅଭ୍ୟସ୍ତ ଦୈହିକ ଓ ମାନସିକ ଅନଚାର ଓ କଦାଚାର ଗୁଡ଼ିକୁ ପ୍ରତ୍ୟକ୍ଷ କରି ସେଗୁଡ଼ିକର ନିରସନ କରିଲେ ପ୍ରାୟଶ୍ଚିତ ହୁଏ। ନାମ ଧ୍ୟାନ ଓ ସଦାଚାର ମାଧ୍ୟମରେ ଶରୀର ପ୍ରାଣ ପୁରିତ ହୋଇଉଠେ।



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଆଧ୍ୟାତ୍ମିକ ସଦାଚାର ବିଷୟରେ ବ୍ୟାଖ୍ୟା କରିବାକୁ ଯାଇ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କରିଛନ୍ତି - ଶ୍ରୀମଦ୍ ଭଗବତ ଗୀତାରେ ଅଛି - ଏକ ଭକ୍ତି ର୍ବିଶିଷ୍ୟତେ। ଏକ ଭକ୍ତି ପରାୟଣତା ବା ଅକାଟ୍ୟ ଇଷ୍ଟ ନିଷ୍ଠା ହିଁ ଆଧ୍ୟାତ୍ମିକ ସଦାଚାର। ଏହାକୁ କଦାପି ଛାଡ଼ିବ ନାହିଁ। ସର୍ବାସ୍ପର୍ଶୀ ଇଷ୍ଟାନୁରାଗ ହେଲା ଆଧ୍ୟାତ୍ମିକ ସଦଚାର ଓ ଏହାର ଭିତ୍ତି ଉପରେ ହିଁ ମାନସିକ ଓ ଶାରୀରିକ ସଦାଚାର ଗଢ଼ି ଉଠେ। ପୁଣି ଶାରୀରିକ ସଦାଚାର ନଥିଲେ ମଧ୍ୟ ମାନସିକ ଓ ଆଧ୍ୟାତ୍ମିକ ସଦାଚାର ବ୍ୟାହତ ହୁଏ। କରଣୀୟ କର୍ମ ଠିକ୍ ସମୟରେ ନକରିଲେ ମନୁଷ୍ୟ ରୋଗକୁ ଆହ୍ୱାନ କରେ। କାରଣ ଏହାଦ୍ୱାରା ଜୀବନାବେଗ କମିଯାଏ। ମନୁଷ୍ୟ ଅଳସ ହୋଇଉଠେ। ସ୍ନାୟୁର ପ୍ରତିରୋଧ କ୍ଷମତା କମିଯାଏ। ବିହିତ କର୍ମ କରିଲେ ମନୁଷ୍ୟର ଜୀବନୀ ଶକ୍ତି ବୃଦ୍ଧିପାଏ। ଶରୀରର ଯତ୍ନ ନିଅ - ଏଇଟା ହିଁ ପ୍ରଥମ ଠାକୁରଘର। ମାନସିକ ସ୍ୱାସ୍ଥ୍ୟ ଉପରେ ଶାରୀରିକ ସ୍ୱାସ୍ଥ୍ୟ ମଧ୍ୟ ନିର୍ଭରଶୀଳ, ତେଣୁ ମନର ଶୁଦ୍ଧତା, ସୁସ୍ଥତା ଓ ସରଳତାର ନଜର ରଖିବାକୁ ହୁଏ। ମନୁଷ୍ୟ ଯେତେ ପ୍ରବୃତ୍ତି ପରାୟଣ ଓ ସ୍ୱାର୍ଥ ସନ୍ଧିସ୍ନୁ ହୁଏ ସେତେ ପରିମାଣରେ ମନ ରୁଗଣ ଓ ସଂକୀର୍ଣ୍ଣ ହୋଇ ଉଠେ। ମାନସିକ ସ୍ୱାସ୍ଥ୍ୟ କ୍ଷୁର୍ଣ୍ଣ ହେଲେ ରୋଗବ୍ୟାଧି ଶରୀରରେ ସୃଷ୍ଟିହୁଏ। ପାରିପାର୍ଶ୍ୱିକ ଯେଭଳି ସୁସ୍ଥ, ସଦାଚାରୀ, ଶୁଦ୍ଧ ଓ ପ୍ରଫୁଲ୍ଲ ରହନ୍ତି ସେ ଦିଗକୁ ମଧ୍ୟ ସକ୍ରିୟ ଦୃଷ୍ଟି ଦେବାକୁ ପଡ଼େ। ଏହାଦ୍ୱାରା ମାନସ ପ୍ରେରଣା ବଢ଼େ ଓ ଜୀବନୟ ଉଲ୍ଲାସର ଆର୍ବିଭାବ ହୁଏ। ପରିଶ୍ରମ ଓ ବିଶ୍ରାମ ଆବଶ୍ୟକ। ଇଷ୍ଟ ତପସ୍ୟା ରୋଗ ପ୍ରତିଷେଧକ କ୍ଷମତା ତ୍ୱରାନ୍ୱିତ କରେ ଓ ସଦାଚାର ତାହା ପରିରକ୍ଷିତ କରେ। ଉପବାସରେ ପ୍ରବୃତ୍ତି ଗୁଡ଼ିକ ଦୁର୍ବଳ ହୁଏ, ତେଣୁ ଭକ୍ତି ବଢ଼ିଯାଏ। ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁଃ ନିରାମୟା।

*ସହପ୍ରତିରକ୍ଷିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*

# ମାନସିକ ରୋଗ ଓ ଡାକ୍ତର

ସ୍ୱର୍ଗରେ ଈଶ୍ୱରଙ୍କ ଭଳି ମର୍ତ୍ତ୍ୟରେ ଡାକ୍ତରଙ୍କୁ ଈଶ୍ୱର ବୋଲି କୁହାଯାଏ । ମାନବ ଜଗତ ପ୍ରତି ସେମାନଙ୍କ ଅବଦାନ ସମ୍ପର୍କରେ ମନେ ପକାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁଲାଇ ୧ ତାରିଖକୁ ଭାରତରେ ଚିକିତ୍ସକ ଦିବସ ଭାବେ ପାଳନ କରାଯାଏ । ପ୍ରଥମ ଚିକିତ୍ସକ ଦିବସ ୧୯୯୧ରେ ପାଳନ କରାଯାଇଥିଲା । ପ୍ରସିଦ୍ଧ ଚିକିତ୍ସାବିତ୍ ତଥା ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଡକ୍ଟର ବିଧାନ ଚନ୍ଦ୍ର ରାୟଙ୍କ ସମ୍ମାନାର୍ଥେ ଏହି ଦିବସ ପାଳନ କରାଯାଏ । ୧୮୮୨ ଜୁଲାଇ ୧ ତାରିଖରେ ଜନ୍ମ ଲାଭ କରିଥିବା ବିଧାନଚନ୍ଦ୍ରଙ୍କର ୮୦ ବର୍ଷ ବୟସରେ ୧୯୬୨ରେ ମୃତ୍ୟୁ ହୋଇଥିଲା । ଭାରତର ସର୍ବୋଚ୍ଚ ବେସାମରିକ ପୁରସ୍କାର ଭାରତ ରତ୍ନରେ ତାଙ୍କୁ ସମ୍ମାନିତ କରାଯାଇଥିଲା । ତାଙ୍କ ଜୀବନ କାଳ ଭିତରେ ସେ ଅନେକ ହସ୍‌ପିଟାଲ ଓ ପ୍ରତିଷ୍ଠାନ ଆରମ୍ଭ କରିଥିଲେ । ଭାରତୀୟ ସମାଜ ଓ ଲୋକଙ୍କ ଉନ୍ନତି ପାଇଁ ତାଙ୍କ ତ୍ୟାଗ ଥିଲା ଅତୁଳନୀୟ । ତେଣୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି । ଚିକିତ୍ସକ ଏବଂ ତାଙ୍କର ଚିକିତ୍ସା ମୂଲ୍ୟବାନ ଜୀବନ ପାଇଁ ଅତୀବ ଗୁରୁତ୍ୱପୂର୍ଣ୍ଣ । ତେଣୁ ଚିକିତ୍ସକଙ୍କୁ ଭଗବାନଙ୍କ ସହ ତୁଳନା କରାଯାଏ । ପ୍ରତ୍ୟେକ ବ୍ୟକ୍ତି ଚିକିତ୍ସକଙ୍କ ତ୍ୟାଗ, ସେବା ଓ ଚିକିତ୍ସାକୁ ଉଚିତ ସମ୍ମାନ ଦେବା ଲକ୍ଷ୍ୟରେ ଏହି ଦିବସ ପାଳନ କରାଯାଏ । ଏଥିସହ ଭାରତରେ ଜନସଂଖ୍ୟା ଢ଼େର ଅଧିକ ହୋଇଥିବାରୁ ଚିକିତ୍ସକଙ୍କ ଉପରେ ଅଧିକ ଗୁରୁଦାୟିତ୍ୱ ରହିଛି । ସାଧାରଣ ଜୀବନରେ ଚିକିତ୍ସକଙ୍କ ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ତାହା ମନେ ପକାଇଦେବା ଲାଗି ଏହି ଦିବସ ଉତ୍ସର୍ଗ କରାଯାଉଛି । ଏହି ଦିବସରେ ଅଧିକାଂଶ ବ୍ୟକ୍ତି ଚିକିତ୍ସକଙ୍କୁ ଫୁଲ, ଏବଂ ଗ୍ରିଟିଂ କାର୍ଡ଼ ଦେଇ ସମ୍ବର୍ଦ୍ଧନା ଜଣାନ୍ତି । ଏହି ଅବସରରେ ବିଭିନ୍ନ ସମାରୋହ ମଧ୍ୟରେ ଆୟୋଜନ କରାଯାଏ ।



ଡାକ୍ତର ସମ୍ରାଟ କର

ସାମ୍ପ୍ରତିକ ସମାଜ ତଥା ଚିକିତ୍ସା କ୍ଷେତ୍ରକୁ ଦେଖିଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ଚିକିତ୍ସା ହେଉଛି ମାନସିକ ରୋଗ ଚିକିତ୍ସା। ଏ ରୋଗଟି ଏପରି ଏକ ଭାବଗତ ରୋଗ ଯାହାର ନିଦାନ ବା ପରୀକ୍ଷା ନିରୀକ୍ଷା ଅପେକ୍ଷା ରୋଗୀଟିର ପରିପାର୍ଶ୍ୱିକ ଅବସ୍ଥିତି, ସାମାଜିକ ସମସ୍ୟା ଓ ସବୁଠାରୁ ଅତୀବ ମୂଲ୍ୟବାନ କୁହାଯାଉଥିବା ମାନସିକ ସ୍ଥିତିକୁ ପ୍ରାଥମିକତା ଦିଆଯାଇଥାଏ। ଅନେକଙ୍କର ଭୁଲ ଧାରଣା ରହିଛି ଯେ ମାନସିକ ରୋଗର ଚିକିତ୍ସା କରୁଥିବା ଚିକିତ୍ସକମାନେ ରୋଗୀକୁ ଯନ୍ତ୍ରଣା, ଇଲେକ୍ଟ୍ରିସକ୍ ନଦେଲେ ସେମାନେ ଭଲ ହେବେନାହିଁ ହେଲେ ଏହା ସମ୍ପୂର୍ଣ୍ଣ ଭୁଲ ବିଚାରଧାରା। ଏହି ଲେଖକ ନିଜ ମାନସିକରୋଗ ଚିକିତ୍ସା କ୍ଷେତ୍ରରେ ଦୀର୍ଘଦିନର ଅନୁଭୂତିକୁ ପାଥେୟ ଯାହା କରିଛି ସେ ଅନୁଭବ କରିଛି ଯେ ରୋଗୀଟିର ଚିକିତ୍ସା ଅପେକ୍ଷା ମନସ୍ତାତ୍ତ୍ୱିକ କ୍ଷେତ୍ରରେ ଦିଗ୍‌ଦର୍ଶନ ଦେବା ସହ ସେମାନଙ୍କ ଭାବଗତ ସାମାଜିକ ଜୀବନକୁ ଭାରସାମ୍ୟ ରଖିବା ପାଇଁ ପରାମର୍ଶ ଦ୍ୱାରା ରୋଗୀଟି ଆଶ୍ୱସ୍ତ ଲାଭ କରିଥାଏ। ପ୍ରାକାରାନ୍ତରେ କହିବାକୁଗଲେ ରୋଗୀମାନଙ୍କର ପୁର୍ନଜୀବନ ପ୍ରାପ୍ତି ହୋଇଥାଏ। ଆଜିର ଏହି ବିଜ୍ଞାନ ଯୁଗରେ ସମସ୍ତେ ଜାଣିବା ଉଚିତ ଯେ ମନୁଷ୍ୟ ଅତ୍ୟଧିକ ମାନସିକ ଚାପ ଯୋଗୁଁ ନାନା ଚିନ୍ତା ଓ ଅନ୍ୟାନ୍ୟ କାରଣ ଯୋଗୁଁ ମାନସିକ ଭାରସାମ୍ୟ ହରାଇଥାଏ। ପ୍ରତି ରୋଗ ପାଗଳାମି ନୁହେଁ ତେଣୁ ନିର୍ଦ୍ଧାରିତ ସମୟରେ ଚିକିତ୍ସକଙ୍କ ସହିତ ପରାମର୍ଶ କରି ନିୟମିତ ଅନୁପାତରେ ଔଷଧ ଖାଇଲେ ଏହି ରୋଗରୁ ଉପଶମ ମିଳିଥାଏ। ମାନସିକ ରୋଗ ଚିକିତ୍ସା କରୁଥିବା ଚିକିତ୍ସକମାନେ ରୋଗୀଟିର ଚିକିତ୍ସା କରିବା ସମୟରେ ଲମ୍ବା ସମୟର ଯେଉଁ ସମ୍ପର୍କ ଗଠନ ହୋଇଥାଏ ତାହା ସେ ରୋଗୀଟି ପାଇଁ ନିଶ୍ଚିନ୍ତ ଭାବରେ ଆଉଥରେ ଜନ୍ମ ପାଇବା ପରି କିନ୍ତୁ ଏହି ଚିକିତ୍ସକମାନେ ରୋଗୀ ସେବା କ୍ଷେତ୍ରରେ ତୀକ୍ଷ୍ଣ ଓ ନିଃସ୍ୱାର୍ଥପର ସେବା ଦେଉଥିବାରୁ ସେମାନଙ୍କର ବ୍ୟକ୍ତିଗତ ଜୀବନରେ ଅନେକ ଯନ୍ତ୍ରଣା ପାଇଥାନ୍ତି। ନିର୍ଦ୍ଧାରିତ ସମୟରେ ଘରେ ପହଞ୍ଚିବା ପାଇଁ ଡାକ୍ତରଖାନାରୁ ବା ଚିକିତ୍ସାଳୟରୁ ବାହାରିବା ସମୟରେ ଜଣେ ରୋଗୀଟିର ମୁର୍ମୁଷୁ ମୁହଁ ତାଙ୍କ ପଥରୋଧ କରିଥାଏ। ଆଜିର କର୍ମବ୍ୟସ୍ତ ଜୀବନରେ ଚିକିତ୍ସା ସେବା କ୍ଷେତ୍ରରେ ଓଡ଼ିଶାର ଭତ୍ତିଭୂମି ଯାହା ଜନସଂଖ୍ୟା ତୁଳନାରେ ଚିକିତ୍ସକ ନାହାଁନ୍ତି। ଜଣେ ଜଣେ ମାନସିକରୋଗ ଚିକିତ୍ସକଙ୍କୁ ଦିନରେ ବେଳେବେଳେ ଶହେ ଜଣ ରୋଗୀକୁ ଦେଖିବା ପାଇଁ ବି ବିବେକ ବାଧ୍ୟ କରିଥାଏ। ଯାହାଦ୍ୱାରା ଚିକିତ୍ସକ ଜଣେ ନିଜ ଘର ପରିବାର ବ୍ୟକ୍ତିଗତ ଜୀବନ ଠାରୁ ପ୍ରାଥମିକତା ହୋଇଥାଏ। ଆଜି ଚିକିତ୍ସକ ଦିବସରେ ଚିକିତ୍ସକମାନଙ୍କ ପ୍ରତି ରୋଗୀଟିର ଆତ୍ମୀୟ ସ୍ୱଜନଙ୍କ ଠାରୁ ସେମାନଙ୍କ ବିଚାର ଚେତନାର ଭାବନା ବଦଳିବା ଦରକାର। ଚିକିତ୍ସକମାନେ ଅନେକ ପ୍ରତିବନ୍ଧକକୁ ଡ଼େଇଁ ରୋଗୀଟିର ଜୀବନ ବଞ୍ଚାଇବା ପାଇଁ ଅହର୍ନିଷ ଉଦ୍ୟମ ଜାରି ରଖିଥାନ୍ତି । ହେଲେ ଭୁଲବୁଝାମଣାର ଶିକାର ହୋଇଥାନ୍ତି ଚିକିତ୍ସକ ଜଣଙ୍କ। ଚିକିତ୍ସକ ଦିବସରେ ଏହି ବିଶ୍ୱାସର ଭାବନା ଦୃଢ଼ୀଭୂତ ହେଉ ଏହାହିଁ ରୋଗୀଟି ପ୍ରତି ଆମ ସମସ୍ତଙ୍କର ଉତ୍ତରଦାୟିତ୍ୱ ବୋଲି ବୁଝାଯିବ।

*ମାନସିକରୋଗ ବିଶେଷଜ୍ଞ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩*



# କୃଷି ଦୁନିଆ

## ଜୀବିକାର ରାହା ଯୋଗାଇଛି ଜୈବିକ ଚାଷ





ଭାରତୀୟ ସଭ୍ୟତାର କେନ୍ଦ୍ରବିନ୍ଦୁ ଚାଷ। ଚାଷ – ଏକ ବ୍ୟବସାୟ ନୁହେଁ ବରଂ ଏକ ସ୍ୱର୍ଗୀୟ ଅନୁଭବ। ଆଉ ପୁଣି ଧରିତ୍ରୀମାତା ସହ ଏକ ମାର୍ମିକ ସମ୍ପର୍କ। ରାତି ପାହିଲେ ହାତରେ ଲଙ୍ଗଳ , କାନ୍ଧରେ ଗାମୁଛା ଆଉ ପଖାଳ ମୁଠେ ଖାଇଦେଇ ଆରମ୍ଭ ହୋଇଯାଏ ଚାଷର ପର୍ବ। ସତରେ ଏକ ମହାର୍ଘ୍ୟ ଅନୁଭୂତିର ଅବଲୋକନ। ପାରମ୍ପରିକ କୃଷିକୁ ଛାଡ଼ି ଏବର ସମାଜରେ ଆଧୁନିକତାର ସ୍ୱର୍ଶ ଗାଁ କ୍ଷେତରେ ବି ଦେଖାଗଲାଣି। ରାସାୟନିକ ସାରର ବହୁଳ ବ୍ୟବହାର ଏବେ ସବୁଆଡ଼େ ଆମ ଦୃଷ୍ଟିକୋଣରେ ପରିଲକ୍ଷିତ। କିନ୍ତୁ ଆମ ଅଜାଣତରେ ଆମେ ନିଜେ ନିଜର ଶରୀରର କେତେ ଯେ କ୍ଷତି କରୁଛନ୍ତି , ସେକଥା ଜାଣି ନାହାନ୍ତି। ତେଣୁ ଏହି ଆଧୁନିକତାକୁ ଦ୍ୱାହି ଦେଇ ଏବେ ଜୈବିକ କୃଷିର ବ୍ୟବହାରକୁ ପ୍ରାଥମିକତା ଦିଆଯାଉଛି। ଜୈବିକ କୃଷି ଏବେ କୃଷି କ୍ଷେତ୍ରର ଏକ ସଫଳ ବାର୍ତ୍ତାବହ ଭାବେ ପରିଗଣିତ ହେଲାଣି। କମ୍ ଖର୍ଚ୍ଚ ଓ ଅଧିକ ଉତ୍ପାଦନର ମିଶ୍ରିତ ଉପାଦାନ ଜୈବିକ ଚାଷ। ରାସାୟନିକ କୀଟନାଶକକୁ ବନ୍ଦ କରି ଗୋବର,ଗୋମୂତ୍ର ପରି ଦେଶୀ ଦ୍ରବ୍ୟକୁ ବ୍ୟବହାର କରି ଆଜି ବି ଉତ୍ପାଦନ ବୃଦ୍ଧି କରାଯାଇପାରୁଛି। ଏହା ଦ୍ୱାରା ଶରୀର ବି ସୁସ୍ଥ ରହିବା ସହ ସେମିତି ଜଣେ ଚାଷୀ ଯିଏ ସ୍ନାତକ କରିଥିଲେ ହେଁ ଚାଷର ମୋହ ତାଙ୍କୁ ବାନ୍ଧିରଖିଛି ଚାଷଜମିରେ। ସେ ଜୈବିକ ଓ ସମନ୍ୱିତ କୃଷିର ଜଣେ ସଫଳ ଉଦାହରଣ। .ସେମିତି ଜଣେ ଚାଷୀ ଯିଏ ସାର,ବିଷକୁ ଛାଡ଼ି ଏବେ ଜୈବିକ ଚାଷର ମୋହରେ ବାନ୍ଧି ହୋଇଯାଇଛନ୍ତି, ସେ ହେଲେ ଚିଲିକା ବ୍ଲକର ବଉଳାବନ୍ଧ ଗ୍ରାମର ଶ୍ରୀ ଆନନ୍ଦ ନାୟକ(ମୋ- ୭୯୭୮୫୪ ୪୩୦୩)। ୪୫ ବର୍ଷ ବୟସରେ ବି ସେ ଥକି ପଡ଼ି ନାହାନ୍ତି। ଟିସିଏସ୍‌ରେ ଚାକିରୀ କରି ମଧ୍ୟ ସବୁଜ କ୍ଷେତର ବାସ୍ନାରେ ସେ ବିଭୋର ହୋଇଯାଇଛନ୍ତି। ଗାଁ ଗାଁରେ ଜୈବିକ ଚାଷର ବାର୍ତ୍ତା ପହଁଚାଇବା ସହ ବିଭିନ୍ନ ସ୍ଥାନରୁ ବେଶ ପ୍ରଶଂସା ବି ସାଉଁଟୁଛନ୍ତି। ସେମିତି ଜଣେ ସଫଳ ଚାଷୀଙ୍କ ସହ ଅଧିକ ଆଲୋଚନା କରିଥିଲେ **ଡ଼ି ଶୁଭମ୍ ...**

**ପ୍ର: ଆପଣ ଜୈବିକ ଚାଷ କରିବାକୁ ଆଗ୍ରହ ପ୍ରକାଶ କ'ଣ ପାଇଁ କଲେ ?**

ଉ: ବର୍ତ୍ତମାନ ସମୟରେ କେହି କାଦୁଅ ବିଲରେ ଗୋଡ଼ ପଶେଇବାକୁ ଇଚ୍ଛା କରୁନାହାନ୍ତି। ସମସ୍ତଙ୍କୁ ଏବେ ସାର, ବିଷ ବ୍ୟବହାରରେ ବ୍ୟସ୍ତ। କିନ୍ତୁ ଜୈବିକ ଚାଷ ଏବେ ସବୁଆଡ଼େ ବେଶ ଲୋକପ୍ରିୟ ହେବାରେ ଲାଗିଲାଣି। ତେଣୁ ପ୍ରଥମେ ମୁଁ ୟୁଟ୍ୟୁବରୁ ଜୈବିକ ଚାଷ ବିଷୟରେ ଦେଖି ଏହାକୁ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କଲି। ପରବର୍ତ୍ତୀ ସମରେ କୃଷି ବିଶେଷଜ୍ୟ ମାନଙ୍କ ପରାମର୍ଶକୁ ପାଥେୟ କରି ସମ୍ପୂର୍ଣ୍ଣ ଭାବେ ଜୈବିକ ଚାଷ କରୁଛି। ଏହା ବେଶ ଲାଭଦାୟକ ଓ ଶରୀର ଓ ପରିବେଶ ପ୍ରତି ହିତକର। ଏହା ଦ୍ୱାରା ଜମିର ଉର୍ବରତା ବଢ଼ିଥାଏ। ଜମିର ମାନ ବି ବଢ଼ିଥାଏ।

**ପ୍ର: ଜୈବିକ କୃଷି ରାସାୟନିକ କୃଷି ଭିତରେ ଆପଣ କଣ ବିଶେଷ ତଫାତ ଦେଖୁଛନ୍ତି ?**

ଉ: ପ୍ରଥମତଃ ବର୍ତ୍ତମାନ ସମୟରେ ସମସ୍ତେ ଜମିରୁ କିପରି ଅଧିକ ଅମଳ ହେବ, ତାହାକୁ ପ୍ରାଥମିକତା ଦେଉଛନ୍ତି। କିନ୍ତୁ ଅଧିକ ଅମଳ ଆଶାରେ ଆମେ ନିଜ ଦେହ ତଥା ମାଟିର ଯେଉଁ ହାନି ପହଁଚାଉଛନ୍ତି, ସେକଥାକୁ ଭୁଲିଯାଉଛନ୍ତି। କିଛିଟା ପାଇବା ଆଶାରେ ଅନେକ କିଛି ଆମେ ହରାଉଛନ୍ତି। ଏହି ଉପକ୍ରମରେ ଜୈବିକ କୃଷି ଏକ ସୁନ୍ଦର ଆଉ ଅଭିନବ ପଦକ୍ଷେପ। ଯେଉଁଥିରେ ଆମେ ସ୍ୱଳ୍ପ ଟଙ୍କା ବିନିଯୋଗ କରି ଅଧିକ ଅମଳ କରିବା ସହ ଆମ ଶରୀର ସୁସ୍ଥ ବି ରହିଥାଏ। ଏହା ଯୋଗୁଁ ପରିବେଶ ସନ୍ତୁଳନ ବି ରକ୍ଷା ହୋଇଥାଏ। ମାଟିର ଉର୍ବରତା ବଢ଼େ।

**ପ୍ର: ଟି.ସିଏସରେ ଚାକରି କରିବା ସହ ଆପଣ ଜୈବିକ କୃଷିର ମୋହରେ କିପରି ପଡ଼ିଲେ ?**

ଉ: ସ୍ନାତକ ତ ମୋର ଶିକ୍ଷାଗତ ଯୋଗ୍ୟତା। କିନ୍ତୁ ବ୍ୟକ୍ତିଗତ ଭାବରେ କହିବାକୁ ଗଲେ ମୋତେ ଏମିତି କିଛି କରିବାର ଥିଲା ଯାହା ମୋତେ ଆତ୍ମସନ୍ତୋଷ ଦେଇପାରୁଥିବ। ସେଥିପାଇଁ ଚାଷକୁ ପ୍ରମୁଖ ପନ୍ଥା ଭାବେ ବାଛିଲି। ଆଉ ଜୈବିକ କୃଷିକୁ ଆପଣେଇବାର କାରଣ ଏହା ଯୋଗୁଁ ଆମେ ବେଶ କମ୍ ପଇସାରେ ନିଜ ଘରେ ଜୈବିକ ଉପାୟରେ କୀଟନାଶକ ଓ ସାର ପ୍ରସ୍ତୁତ କରି ଜମିରେ ଦେଇପାରୁଛୁ। ଏହା ଯୋଗୁଁ ଦେହ, ମନ ବି ସୁସ୍ଥ ରହୁଛି। କାମ କରିବାକୁ ଉତ୍ସାହ ବି ମିଳୁଛି।

**ପ୍ର: ଆପଣଙ୍କ ଜମିରେ କଣ କଣ ଜୈବିକ ଉପାୟ ଅବଲମ୍ବନ କରୁଛନ୍ତି ?**

ଉ: ମୁଁ ପ୍ରଥମରୁ ଜିଆଖତ ପ୍ରସ୍ତୁତ କରିଆସୁଛି। ଏହା ବ୍ୟତୀତ ଜୀବାମୃତକୁ ପାଂଚ ବର୍ଷ ହେବ ନିଜ ଜମିରେ ବ୍ୟବହାର କରୁଛି। ଏହା ମାଟି ପାଇଁ ବେଶ ଫଳପ୍ରଦ ଭାବେ କାମ କରୁଛି। ବ୍ରହ୍ମାସ୍ତ୍ର, ପଂଚଗବ୍ୟ, ବୀଜାମୃତ,ହାଣ୍ଡିଖତ ପ୍ରଭୃତିକୁ ଜମିରେ ବି ଉପଯୋଗ କରୁଛି। ଏହାର ଉପକାରିତାକୁ ମୁଁ ନିଜେ ଅନୁଭବ କରିପାରୁଛି । ଏହା ଦ୍ୱାରା ରୋଗ ପୋକ ଲାଗିବା ସମ୍ପୂର୍ଣ୍ଣ କମି ଯାଇଛି।

**ପ୍ର: ବର୍ତ୍ତମାନର ଯୁବସମାଜ ଚାଷ ପାଇଁ ବିମୁଖ ହେବାର କାରଣ କଣ ହୋଇଥାଇପାରେ ?**

ଉ: ଯୁବକ ମାନେ ଚାଷ ପାଇଁ ସ୍ୱତଃ ଭାବରେ ଆଗ୍ରହ ସୃଷ୍ଟି କରିବା ଆବଶ୍ୟକ। ବିମୁଖ ହେବାର କାରଣ ସେମାନେ ବର୍ତ୍ତମାନ ସମୟରେ ଆଉ କ୍ଷେତକୁ ପଶିବାକୁ ଚାହୁଁନାହାନ୍ତି। ଯୁଗ ବଦଳିବା ସହ ମାନସିକତା ବି ପରିବର୍ତ୍ତନ ହେଉଛି। ମନରେ ଇଚ୍ଛା ଥିଲେ ସବୁକିଛି ସମ୍ଭବ। ଏହି ପରିପ୍ରେକ୍ଷୀରେ ଯୁବସମାଜ ଚାହିଁଲେ କୃଷି କ୍ଷେତ୍ରରେ ବି ଉଦ୍ୟୋଗୀ ହୋଇପାରିବେ। କେବଳ ଦୃଢ଼ ଇଚ୍ଛାଶକ୍ତି ଓ କର୍ମକୁଶଳତା ହିଁ ଏହାର ପରିମାପକ ବୋଲି ମୋର ବିଶ୍ୱାସ। ମୋ ମତରେ ଯୁବକ ମାନେ କୃଷିକୁ ନାକ ନ ଟେକି ବରଂ ଏଥିପାଇଁ ଆଗେଇ ଆସିବା ଆବଶ୍ୟକ।

## ସେମାନେ ଯାହା କୁହନ୍ତି ...

ଏବର ସମୟରେ କେହି ବି ଚାଷ କରିବାକୁ ମନ ବଳାଉନାହାନ୍ତି। ଚାକିରୀ ଓ ଟଙ୍କା ସର୍ବସ୍ୱ ଦୁନିଆରେ ଆଜି ବି ଲୋକ ଅଛନ୍ତି ଯେଉଁମାନେ ଚାଷ ପାଇଁ ସମର୍ପିତ।



ଆନନ୍ଦ ନାୟକ ଜଣେ ଯୁବ ଚାଷୀ। ଯଦିଓ ଚାକିରୀ ତାଙ୍କର ପେଶା, ଚାଷ ତାଙ୍କର ନିଶା। ରାସାୟନିକ ସାର ଓ କୀଟନାଶକର ବ୍ୟବହାର କରି ପରିବେଶ ଓ ସ୍ୱାସ୍ଥ୍ୟର ବ୍ୟାପକ କ୍ଷତି ସମ୍ପର୍କରେ ଅବଗତ ହେବା ପରେ ସେ ସମ୍ପୂର୍ଣ୍ଣ ଭାବରେ ଜୈବିକ ଚାଷକୁ ଆପଣାଇନେଲେ। ଗାଇ ଗୋବରକୁ ବ୍ୟବହାର କରି ଏବେ ସେ ଗୋବର ଖତରୁ ସୁନାର କ୍ଷେତ କରିବା ଦିଗରେ ବ୍ରତୀ ହୋଇ ରହିଛନ୍ତି। ଏବେ ସେ ରାସାୟନିକ ସାରକୁ ବ୍ୟବହାର ନକରି ବି ଯେ ଜଣେ ଲାଭବାନ ହୋଇପାରିବ , ତାହାକୁ କରି ଦେଖାଇଦେଇଛନ୍ତି। ସତରେ ତାଙ୍କ ଉଦ୍ୟମ ପ୍ରଶଂସନୀୟ। ସେ ଯୁବଗୋଷ୍ଠୀଙ୍କ ପାଇଁ ଉଦାହରଣ।

**- ବିଜୟ କୁମାର ମହାନ୍ତି,**
ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଗଜପତି



ଆନନ୍ଦ ଆମ ଗାଁର ଜଣେ ସଫଳ ଚାଷୀ। ସେ ବେଶ ସଫଳତାର ସହ ଜୈବିକ ଚାଷ କରିପାରିଛି। ନିଜ ଜମିରେ ଜୀବାମୃତ,ହାଣ୍ଡିଖତ ପରି ଜୈବିକ କୀଟନାଶକ ନିଜେ ପ୍ରସ୍ତୁତ କରି ବ୍ୟବହାର କରି ଆଜି ସମସ୍ତଙ୍କ ପାଇଁ ଉଦାହରଣ ସାଜିପାରିଛି।

**- ପ୍ରକାଶ ପଲେଇ, ବଉଳାବନ୍ଧ**



ଚାଷ କାମ ଯାହାର, କେଡ଼େ ସୁଖ ତାହାର – ଏକଥାକୁ ସଠିକ ଭାବରେ ପ୍ରମାଣିତ କରିପାରିଛି ଆନନ୍ଦ। ଏବେକାର ଯୁବସମାଜ ପାଇଁ ଆନନ୍ଦ ଜଣେ ସଫଳ ଉଦାହରଣ। ସେ ଚାକିରୀ କରିବା ସହ ଜୈବିକ ଚାଷ କରି ବେଶ ଲାଭ ପାଇପାରିଛି। ଆନନ୍ଦକୁ ଅନୁକରଣ କରି ଯୁବଗୋଷ୍ଠୀ ଏବେ ଜୈବିକ ଚାଷକୁ ପ୍ରାଧାନ୍ୟ ଦେବା ସହ ଏ ଦିଗରେ କାମ କଲେ ରୋଜଗାରକ୍ଷମ ହୋଇପାରିବେ , ଏଥିରେ ସନ୍ଦେହ ନାହିଁ।

**- ରାମଚନ୍ଦ୍ର ଖୁଣ୍ଟିଆ, ଚାଷୀ**

## ଧାନ ଫସଲରେ ପତ୍ରପୋଡ଼ା ରୋଗ ବ୍ୟାପୁଥିଲେ...

ଏହା ମୁଖ୍ୟତଃ ଜୀବାଣୁ ଦ୍ୱାରା ହୋଇଥାଏ । ଏହାକୁ ମଧ୍ୟ କ୍ରେସେକ ରୋଗ କୁହାଯାଏ । ଧାନ ତଳି ଅବସ୍ଥାରେ ଏବଂ ଫୁଲ ଅବସ୍ଥାରେ ଏହି ରୋଗ ଦେଖାଯାଏ ।



**ଲକ୍ଷଣ :**

- ପ୍ରଥମତଃ କ୍ରେସେକ ଅର୍ଥାତ ଝାଉଁଳା ପ୍ରକୃତି ଦେଖାଦିଏ।
- ଗଛ ଶୁଖିଯିବା ସହିତ ଝଡ଼ି ପଡ଼େ । ଏହାପରେ ୪-୬ ସପ୍ତାହ ଚାରାର ପତ୍ରର ଉପର ପାର୍ଶ୍ୱରୁ ତଳଯାଏଁ ଶୁଖି ଯିବାର ଦେଖାଯାଏ ।
- ୨୫-୩୦ ଡିଗ୍ରୀ ତାପମାତ୍ରା ଏହା ପାଇଁ ଖୁବ୍ ସହଯୋଗୀ ।
- ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କଲେ ବେଶୀ ହୋଇଥାଏ।

**ସମାଧାନ :**

- ବିହନକୁ ଷ୍ଟ୍ରେପଟୋସାଇକ୍ଲିନରେ ବିଶୋଧନ କରିବା ଆବଶ୍ୟକ ।
- ଏହାଛଡ଼ା ଏଗ୍ରିମାଇସିନ ୧୦୦ ଗ୍ରାମ୍ ଓ କପର ଅକ୍ସିକ୍ଲୋରାଇଡ଼ ୫୦୦ ଗ୍ରାମକୁ ୫୦୦ ଲିଟର ପାଣିରେ ପକାଇ ୩-୪ଥର ସ୍ପ୍ରେ କରିବା ଆବଶ୍ୟକ ।
- ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କରିବା ବନ୍ଦ କରିବା ଆବଶ୍ୟକ ।
- ସହନଶୀଳ କିସମ ବ୍ୟବହାର କରିବା ଆବଶ୍ୟକ ।

## ଛାତ ଉପରେ ବଗିଚା

ରୁଫଟପ୍ ଗାର୍ଡ଼େନିଙ୍ଗ ସହରାଂଚଳ କୃଷିର ଏକ ସ୍ୱତନ୍ତ୍ର ଅବଦାନ। କହିବାକୁ ଗଲେ ଘରର ଛାତ ଉପରେ ଥିବା ଖାଲି ସ୍ଥାନ ସବୁବେଳେ ଅଦରକାରୀ ହୋଇ ପଡ଼ିରହିଥାଏ। ତେବେ ଏସବୁ ସ୍ଥାନକୁ ଯଦି କୌଣସି ଉପାୟରେ କର୍ମ ଉପଯୋଗୀ କରାଯାଇପାରନ୍ତା ତାହେଲେ ଏହା ସବୁଜମୟ ପରିବେଶ ସୃଷ୍ଟି କରିପାରିବ। ଘରର ଛାତ ଉପରେ ବଗିଚାଟିଏ ଉପଯୁକ୍ତ ସୂର୍ଯ୍ୟାଲୋକ ଓ ବର୍ଷା ପାଇପାରେ। ସବୁଠାରୁ ବଡ଼ କଥା ଏହା କି ରୁଫଟଫ ଗାର୍ଡ଼େନିଙ୍ଗ କରିବା ଦ୍ୱାରା ଯେଉଁ ଜଳ ନଷ୍ଟ ହୋଇ ଯାଉଥିଲା ତାହାକୁ ରୋକାଯାଇପାରିବ। ପରିବେଶକୁ ସୁରକ୍ଷିତ ରଖାଯାଇପାରିବ। ସୁତରାଂ ଏହା ଏକ ଅତ୍ୟାଧୁନିକ କୌଶଳ ଓ କମ ଖର୍ଚ୍ଚରେ ଆତ୍ମନିର୍ଭରଶୀଳ ହେବାର ଏକ ନୂତନ ସୋପାନ।



**ଉପକାରିତା -**

- ଶତକଡ଼ା ୫୦ଭାଗ ଜଳକୁ ସଂରକ୍ଷିତ କରାଯାଇପାରିବ ଓ ଏହା ଗଛର ବଂଶବିସ୍ତାରରେ ସାହାଯ୍ୟ କରିଥାଏ।
- ଘରର ଛାତକୁ ଯେକୌଣସି କ୍ଷତିକାରକ ରଶ୍ମି ଓ ଅତ୍ୟଧିକ ତାପମାତ୍ରା କବଳରୁ ରକ୍ଷା କରିଥାଏ।
- ଖରା ଦିନେ ଛାତ ଥଣ୍ଡା ଓ ଶୀତ ଦିନେ ଉଷୁମ ରହିଥାଏ।
- ପରିବେଶ ପ୍ରଦୂଷଣରୁ ମୁକ୍ତ ତଥା ପରିବେଶ ସନ୍ତୁଳନରେ ସାହାଯ୍ୟ କରେ।
- ମାନସିକ ଶାନ୍ତି ତଥା ଏହା ଆକର୍ଷଣୀୟ ପରିପାଟୀରେ ଶୋଭା ପାଇଥାଏ।
- ଘର ଛାତ ଉପରେ ଥିବାରୁ ଉତ୍ସ୍ୱେଦନ ପ୍ରକ୍ରିୟାରେ ଉତ୍ତାପ ହ୍ରାସ କରିଥାଏ।

**ଉପଯୁକ୍ତ ଫସଲ ଚୟନ-**

ଯଦିଓ ରୁଫଟପ୍ ଗାର୍ଡ଼େନିଙ୍ଗ ବିଭିନ୍ନ ଦିଗ ଉପରେ ଗୁରୁତ୍ୱ ଦେଇଥାଏ ପରନ୍ତୁ ଫସଲ ଚୟନ ଏକ ପ୍ରମୁଖ ତଥା ଦରକାରୀ ସୋପାନ। ତେବେ କେଉଁ ସମୟରେ କେଉଁ ଫସଲ ଚାଷ କଲେ ଆମର ଉତ୍ପାଦନର ହାର ବୃଦ୍ଧି ପାଇବ ଓ କେଉଁ ପରିବେଶ ପାଇଁ କେଉଁ ଫସଲର ଚାହିଦା ବେଶୀ (ଋତୁ ଅନୁଯାୟୀ) ସେସବୁ ଉପରେ ଧ୍ୟାନ ଦେବାକୁ ପଡ଼ିବ। ଏହା ବ୍ୟତୀତ ପିଏଚ୍ ଏକ ମୁଖ୍ୟ ଦିଗନ୍ତ। ମାଟିର ପିଏଚ୍ ଅନୁସାରେ ଫସଲ ମଧ୍ୟ ଭିନ୍ନ ଭିନ୍ନ ଚାଷ କରାଯାଏ। ଏମିତିକି କିଛି ଫସଲର ଦେଶୀ କିସମ ମଧ୍ୟ ଚାଷ କରାଯାଇପାରେ। ତେବେ ଏସବୁକୁ ବିଭିନ୍ନ ଦିଗ(ରୁଫର ଡ଼ାଇମେନସନ୍ ,ମରୁଡ଼ି ସହନଶୀଳ ,ସଅଳ କିସମ)ପ୍ରତି ଧ୍ୟାନ ଦେଇ ଚାଷ କରାଯାଇଥାଏ। ଏହା ଆତ୍ମନିଯୁକ୍ତିକୁ ପ୍ରୋତ୍ସାହନ ଯୋଗାଇଥାଏ।

**ଖତସାର ପ୍ରୟୋଗ:**

ବିଭିନ୍ନ ଫସଲ ମୃତ୍ତିକାର ପତଳା ସ୍ତର ଦେଇ ଭଲ ଭାବେ ବଢ଼ିପାରିଥାଏ। ତେବେ ରୁଫଟପ୍ ଗାର୍ଡ଼େନିଙ୍ଗରେ ଖତ ସାରର ପ୍ରୟୋଗ ଠିକ ଭାବେ ଆଉ ସଠିକ ସମୟରେ ପ୍ରୟୋଗ କରିବା ଦରକାର। ଯେମିତିକି କୌଣସି ସମୟରେ ପୋଷକ ତତ୍ତ୍ୱର ଅଭାବ ପରିଲକ୍ଷିତ ନହୁଏ। କାରଣ ଗଛ ପାଇଁ ନାଇଟ୍ରୋଜେନ , ଫସଫରସ , ପଟାସର ଏକ ମୁଖ୍ୟ ଭୂମିକା ନେଇଥାଏ। ତେବେ ଖତସାର ପ୍ରୟୋଗରେ ଅନିୟମିତତା ଦେଖାଦେଲେ ଠିକ ଭାବେ ଖଣିଜଲବଣ ମିଳିପାରିନଥାଏ। ଯାହା ଫଳରେ ଗଛ ଠିକ ଭାବେ ବଢ଼ିପାରିନଥାଏ। ଏହା ଯୋଗୁଁ ଚେର ଖାଦ୍ୟ ପାଇପାରେ ନାହିଁ। ଫଳରେ ଗଛଟି କମ୍ ଦିନରେ ମରିଯାଏ। ତେବେ ରୋଗପୋକ ପରିଚାଳନା ଠିକ ଭାବେ କରାଗଲେ ଅମଳ ସହିତ ଗଛ ବି ସୁସ୍ଥ ରହିଥାଏ।



ସୁତରାଂ ରୁଫଟପ୍ ଗାର୍ଡ଼େନିଙ୍ଗରେ ଜୈବିକ ଉପାୟରେ କୀଟ ପରିଚାଳନା କରାଗଲେ ଏହା ଆମକୁ ରାସାୟନିକ କୀଟନାଶକର କୁପ୍ରଭାବରୁ ରକ୍ଷା କରିପାରିବ। ତେବେ ଏଥିପାଇଁ ମୁଖ୍ୟତଃ ହାଣ୍ଡିଖତ ଓ ପଂଚଗବ୍ୟକୁ ବ୍ୟବହାର କରାଯାଏ। ଏହା ବ୍ୟତୀତ ନିମ୍ବ ପିଡ଼ିଆ , ନିମତେଲକୁ ମଧ୍ୟ ବ୍ୟବହାର କରାଯାଏ।

ରୁଫ୍‌ଟପ୍ ଗାର୍ଡ଼େନିଙ୍ଗରେ ଜୈବିକ ଉପାୟରେ କୀଟ ଦମନ ପାଇଁ ଆମେ ଜୀବାମୃତ ଓ ନୀମାସ୍ତ୍ର କୁ ମଧ୍ୟ ବ୍ୟବହାର କରିପାରିବା।

## ଆର୍ଥିକ ବିକାଶରେ କୃଷିଭିତ୍ତିକ ଗ୍ରାମୀଣ ଶିଳ୍ପ

**ଇଂ ଅଭୟ ସୂତାର**

ଭାରତବର୍ଷର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଅନୁଯାୟୀ ଚାକିରୀ ସୁଯୋଗ ସୃଷ୍ଟି କରିବା କୌଣସି ସରକାର ପକ୍ଷେ ସମ୍ଭବ ନୁହେଁ, କିନ୍ତୁ ଶିକ୍ଷିତ ବେକାରମାନଙ୍କୁ ଆତ୍ମନିଯୁକ୍ତି ଦେବା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ବ୍ୟବସାୟିକ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନମାନଙ୍କ ଜରିଆରେ ମଧ ସରକାର ଶିକ୍ଷିତ ବେକାରମାନଙ୍କୁ ସ୍ୱଳ୍ପ ସୁଧରେ ଋଣ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି । ଯେଉଁ ଯୁବକମାନେ ଆତ୍ମନିଯୁକ୍ତି ପାଇଁ ଇଚ୍ଛା ପ୍ରକଟ କରିବେ, ସେମାନେ ଏହି ବ୍ୟାଙ୍କମାନଙ୍କରୁ ଋଣ ନେଇ କ୍ଷୁଦ୍ର ଶିଳ୍ପ, ଖଦୀ ଓ ଗ୍ରାମୋଦ୍ୟୋଗ ଶିଳ୍ପ, କ୍ଷୁଦ୍ର ବ୍ୟବସାୟ ପ୍ରତିଷ୍ଠାନ ଅଥବା କ୍ଷୁଦ୍ର ସେବାସଂସ୍ଥା ଇତ୍ୟାଦି ପ୍ରତିଷ୍ଠା କରିପାରିବେ । ଏହି ବ୍ୟବସାୟରେ ସେମାନେ ନିଜେ ଆତ୍ମନିଯୁକ୍ତି ପାଇବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଶିକ୍ଷିତ ବେକାର ଯୁବକମାନଙ୍କୁ ମଧ୍ୟ ନିଯୁକ୍ତି ଦେଇପାରିବେ । ଶିଳ୍ପ ତାଲିମ ଅନୁଷ୍ଠାନମାନଙ୍କରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କୁ ଆତ୍ମନିଯୁକ୍ତି ଯୋଜନା ମାଧ୍ୟମରେ ଅଧିକ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି । ସୁତରାଂ ଆଜିର ବୈଷୟିକ ତାଲିମପ୍ରାପ୍ତ ଛାତ୍ରଛାତ୍ରୀମାନେ ଆଉ ଚାକିରୀ ପଛରେ ନ ଗୋଡ଼ାଇ ନିଜେ କିଛି ଧନ୍ଦା କରି ଆତ୍ମନିଯୁକ୍ତ ହେବା ନିମିତ୍ତ ଆଗେଇ ଆସିବା ପାଇଁ ସମୟ ଆସିଛି ।

ବୈଷୟିକ ଶିକ୍ଷାପ୍ରାପ୍ତ ଯୁବକଯୁବତୀମାନେ ନିଜ ଗ୍ରାମାଞ୍ଚଳରେ ବରଫକଳ, ଚିଙ୍ଗୁଡ଼ି ଚାଷ, ମଧୁର ଜଳ ମାଛଚାଷ, ଚିଙ୍ଗୁଡ଼ି ଖାଦ୍ୟ ପ୍ରସ୍ତୁତି, ଶୁଖୁଆ ଓ ମାଛ ଆଚାର ପ୍ରସ୍ତୁତି, ମାଛଧରା ଡ଼ଙ୍ଗା, ଟ୍ରଲର ନିର୍ମାଣ ଓ ମରାମତି, ମାଛଧରା ଜାଲ ଓ ଫ୍ଲୋଟିଂ ନିର୍ମାଣ, ଶୀତଳ ଭଣ୍ଡାର, ଧାନକଳ ଓ ଚୂଡ଼ାକଳ, ଡ଼ାଲିକଳ, ମସଲା ଗୁଣ୍ଡ ପ୍ରସ୍ତୁତି, ଅଟାକଳ, ତେଲକଳ, ଝୋଟ ଦଉଡ଼ି ଓ ଅଖା ପ୍ରସ୍ତୁତି, ନଡ଼ିଆ ତେଲ ଓ ନଡ଼ିଆ ଗୁଣ୍ଡ ପ୍ରସ୍ତୁତି, ଚିନି ଓ ଗୁଡ଼ ପ୍ରସ୍ତୁତି, ବାଦାମ ମି ଚୋପା ଛଡ଼େଇବା, ରବର ଚାଷ, ଜେଲି, ଜାମ୍, ସସ୍ ଓ ଆଚାର ତିଆରି, ଫଳ ବଗିଚା, ବିସ୍କୁଟ/ପାଉଁରୁଟି ପ୍ରସ୍ତୁତି ଗୋଲ କୋଇଲା ପ୍ରସ୍ତୁତି, କାଜୁ ଚାଷ ଓ ପ୍ରୋସେସିଂ, ମି ଉତ୍ପାଦନ, ନଡ଼ିଆକତା ଦଉଡ଼ି, ପାପୋଛ ପ୍ରସ୍ତୁତି, ଛତୁଚାଷ, ଆଖୁ ଛେଦାରୁ କାଗଜ ତିଆରି, କୁଣ୍ଡାରୁ କାର୍ଡ଼ବୋର୍ଡ଼, ପଶୁପକ୍ଷୀ ଖାଦ୍ୟ ପ୍ରକ୍ରିୟାକରଣ, ସାବୁନ ପ୍ରସ୍ତୁତକରଣ, ଦୁଗ୍ଧଜାତ ପଦାର୍ଥ ପ୍ରକ୍ରିୟାକରଣ ଶିଳ୍ପ ପ୍ରଭୃତି ସ୍ଥାପନ କରିପାରିବେ ।

ଆମ ରାଜ୍ୟର କୃଷକ ଆବାହମାନକାଳରୁ ଚିରାଚରିତ ପ୍ରଥାରେ ପୁରୁଣା କାଳିଆ ଢ଼ାଞ୍ଚାରେ ଜମିଚାଷ କରି ଆଶାନୁରୂପ ଫସଲ ପାଇପାରୁନାହାଁନ୍ତି । ଆଧୁନିକ ଯନ୍ତ୍ରପାତି ବ୍ୟବହାର କଲେ ଫସଲ ଦ୍ୱିଗୁଣିତ ହୋଇପାରିବ। ମାଟିରେ ଗଭୀର ଚାଷପାଇଁ ଲୁହା ଲଙ୍ଗଳ, ପାୱାର ଟିଲର ଏବଂ ଟ୍ରାକ୍ଟର ଆଦିର ବ୍ୟବହାର ଜରୁରୀ ହୋଇପଡ଼ିଛି । ନିଜର ସ୍ଥିତି ଓ ଆର୍ଥିକ ପରିସ୍ଥିତିକୁ ନେଇ ସାଧାରଣ ଚାଷୀ ଲୁହାଲଙ୍ଗଳ, ମଧ୍ୟମ ଚାଷୀ ପାୱାର ଟିଲର ଏବଂ ଧନୀ ଶ୍ରେଣୀର ଚାଷୀ ଟ୍ରାକ୍ଟର, ଧାନରୁଆ ଯନ୍ତ୍ର, ଧାନ ଅମଳ ଯନ୍ତ୍ର ବ୍ୟବହାର କରିପାରିବେ । ଏହି କୃଷି ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଅବଶ୍ୟ ଜରୁରୀ ଦରକାର । ଶିଳ୍ପ ତାଲିମ ଅନୁଷ୍ଠାନରୁ ତାଲିମପ୍ରାପ୍ତ ଯୁବକମାନେ ଗାଁ ଗହଳିରେ କର୍ମଶାଳା ତିଆରି କରି ଟ୍ରାକ୍ଟର ଏବଂ ଅନ୍ୟାନ୍ୟ ଯନ୍ତ୍ରପାତିର ସାମୁହିକ ରକ୍ଷଣାବେକ୍ଷଣ କରିପାରିବେ । ଏହାଦ୍ୱାରା ବୈଷୟିକ ଜ୍ଞାନ ଥିବା ଯୁବକମାନେ ସହରାଭିମୁଖୀ ନ ହୋଇ ଗାଁରେ ନିଯୁକ୍ତି ପାଇପାରିବେ ଏବଂ କୃଷିର ଅଭିବୃଦ୍ଧି ଘଟାଇବେ।

ସରକାରଙ୍କର କୃଷିନୀତି ଅନୁସାରେ ରାଜ୍ୟର ଜଳସେଚନର ଅଭିବୃଦ୍ଧି ପାଇଁ ପ୍ରଚେଷ୍ଟା କରାଯାଉଅଛି । ବର୍ତ୍ତମାନ ରାଜ୍ୟରେ ୪୦% ଜମିରେ ଜଳସେଚନ ବ୍ୟବସ୍ଥା ଅଛି ଓ ଏହି ବର୍ଷ ମଧ୍ୟରେ ଏହାକୁ ୫୦% ପରିଣତ କରିବା ପାଇଁ ଚେଷ୍ଟା ଚାଲିଛି । ଏଥିପାଇଁ ଗଭୀର କୂପ ଏବଂ କେନାଲ ବନ୍ଧମାନଙ୍କରେ ବିଦ୍ୟୁତ୍‌ଚାଳିତ ପମ୍ପମାନ ବସାଇବାର ବ୍ୟବସ୍ଥା ହେବ । ବୈଦ୍ୟୁତିକ ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଓ ଏହାର ମରାମତି ପାଇଁ ବୈଷୟିକ ଜ୍ଞାନ ଥିବା ଯୁବକମାନଙ୍କର ଆବଶ୍ୟକତା ରହିଛି । ଶିଳ୍ପ ତାଲିମ ଅନୁଷ୍ଠାନରେ ଶିକ୍ଷାଲାଭ କରୁଥିବା ଇଲେକ୍ଟ୍ରିକାଲ ଓ ମେକାନିକାଲ୍ ଛାତ୍ରମାନେ ଜଳସେଚିତ ଅଞ୍ଚଳରେ ପମ୍ପ୍‌ଆଦି ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ପାଇଁ କର୍ମଶାଳା ଖୋଲି ନିଯୁକ୍ତି ପାଇପାରିବେ ।

ବୈଜ୍ଞାନିକ ପ୍ରଣାଳୀରେ ଚାଷ ପାଇଁ ବିହନ ପ୍ରକ୍ରିୟାକରଣ ଯନ୍ତ୍ର, ମି ଓ ସାର ବୁଣା ଯନ୍ତ୍ର, ପ୍ରକ୍ରିୟାକରଣ ଯନ୍ତ୍ର, ବାଲୁଙ୍ଗା ବଛା ଯନ୍ତ୍ର ବାହାରିଲାଣି। ଶ୍ରମର ସଠିକ ଉପଯୋଗ ପାଇଁ ଏବଂ ଚାଷର ମିତବ୍ୟୟିତା ପାଇଁ ଏହି ସବୁ ଉନ୍ନତ କୃଷିଯନ୍ତ୍ରପାତି ମଝିରେ ମଝିରେ ଖରାପ ହୋଇଥାଏ । ଶିଳ୍ପ ତାଲିମ ଅନୁଷ୍ଠାନର ଶିକ୍ଷାର୍ଥୀମାନେ ଏହିସବୁ ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଏବଂ ମରାମତି ଉପରେ ଜ୍ଞାନ ଲାଭ କରିଥିଲେ ଗାଁରେ ଆତ୍ମନିଯୁକ୍ତି ପାଇପାରିବେ । ଏହାଦ୍ୱାରା ଉଭୟ ଚାଷୀ ଓ ବୈଷୟିକ ଛାତ୍ରମାନେ ଉପକୃତ ହୋଇପାରିବେ ।

ବର୍ତ୍ତମାନ କୃଷିରୁ ଅଧିକ ଅମଳ ପାଇଁ ବିଭିନ୍ନ କିସମର ଅଧିକ ଅମଳକ୍ଷମ ଶଙ୍କର ଜାତୀୟ ଫସଲ ଏବଂ ପନିପରିବା ଚାଷକରାଯାଉଛି । ଏହି ସବୁ ଫସଲ ପାଇଁ ଅଧିକ ପରିମାଣର ସାର ଆବଶ୍ୟକ ପଡୁଛି । ଏହାଦ୍ୱାରା ନୂଆ ନୂଆ ପ୍ରକାର ରୋଗ ଏବଂ ପୋକର ପ୍ରାଦୁର୍ଭାବ ମଧ୍ୟ ଦେଖାଯାଇଥାଏ । ଏହି ରୋଗ ପୋକ ନିୟନ୍ତ୍ରଣ ପାଇଁ କୃଷି ଯନ୍ତ୍ରପାତି (ଆଧୁନିକ ସ୍ପ୍ରେୟର ଏବଂ ଡ଼ଷ୍ଟର ଭଳି) ବ୍ୟବହାର ହୁଏ । ଏଗୁଡ଼ିକ ସମୟ ସମୟରେ ଖରାପ ହୁଏ । ଏହାର ମରାମତି ପାଇଁ ଚାଷୀକୁ ସହରକୁ ଯିବାକୁ ପଡ଼େ । ଛାତ୍ରମାନଙ୍କର ଏ ଦିଗରେ ଜ୍ଞାନ ଥିଲେ ଏହି ଯନ୍ତ୍ରପାତିର ରକ୍ଷଣାବେକ୍ଷଣ କରି ଗାଁରେ ଚାଷୀମାନଙ୍କୁ ସାହାଯ୍ୟ କରିପାରିବେ ଏବଂ ସେମାନେ ମଧ୍ୟ ରୋଜଗାରକ୍ଷମ ହୋଇପାରିବେ ।

ଆମ ରାଜ୍ୟ ଏବଂ ଦେଶର ଶସ୍ୟ ଅମଳପରେ ୨୫% ରୁ ୩୦% ଭାଗ ଶସ୍ୟ ଉପଯୁକ୍ତ ସୁରକ୍ଷା ଅଭାବରୁ ନଷ୍ଟ ହୋଇଥାଏ । ଅଯଥା ନଷ୍ଟ ହେଉଥିବା ଶସ୍ୟକୁ ବୈଜ୍ଞାନିକ ପ୍ରଣାଳୀରେ ସାଇତା କରି ରଖାଯାଇପାରିବ । ଅମଳ ହୋଇଥିବା ଫସଲକୁ ଉପଯୁକ୍ତ ଭାବରେ ସାଇତି ରଖିବା ପାଇଁ ବୈଜ୍ଞାନିକ ପ୍ରଣାଳୀରେ ତିଆରି ଶସ୍ୟ ସଂରକ୍ଷଣ କୋଠରୀମାନ ମଧ୍ୟ କରାଯାଇପାରୁଛି । ଏହି କୋଠରୀସବୁ ବିଭିନ୍ନ ଧାତୁରେ କିମ୍ବା ଗାଁ ଗହଳିରେ ମିଳୁଥିବା କଞ୍ଚାମାଲରେ ପ୍ରସ୍ତୁତ କରାଯାଇପାରୁଛି। ଶିଳ୍ପ ତାଲିମ ଅନୁଷ୍ଠାନର ଛାତ୍ରମାନଙ୍କର ଉନ୍ନତ ସଂରକ୍ଷଣ କୋଠରୀ ସମ୍ବନ୍ଧରେ ଜ୍ଞାନ ଥିଲେ ଶସ୍ୟକୁ ନଷ୍ଟ ହେବାରୁ ରକ୍ଷା କରାଯାଇପାରିବ । ଆଉ ମଧ୍ୟ ଫଳ ଓ ପନିପରିବାକୁ ଉପଯୁକ୍ତ ଭାବେ ସାଇତି ରଖାଯାଇପାରୁ ନ ଥିବାରୁ ତାହା ନଷ୍ଟ ହେବାର ସମ୍ଭାବନା ବହୁତ ବେଶୀ । ତେଣୁ ଏଥିପାଇଁ ଗ୍ରାମାଞ୍ଚଳ ଓ ପଞ୍ଚାୟତ ସ୍ତରରେ ଶୀତଳଭଣ୍ଡାରମାନ ତିଆରି ଏବଂ ଏହି ଶୀତଳଭଣ୍ଡାରର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ଇଂଜିନିୟରିଂ ଜ୍ଞାନ ଥିବା ଛାତ୍ରମାନଙ୍କର ମଧ୍ୟ ଆବଶ୍ୟକତା ରହିଛି । ଏପରି ସ୍ଥଳେ ବୈଷୟିକ ଜ୍ଞାନ ଥିବା ଛାତ୍ର ଶୀତଳଭଣ୍ଡାରରେ ନିଯୁକ୍ତି ପାଇଲେ ଉଭୟ ଚାଷୀ ଓ ଯୁବକମାନେ ଉପକୃତ ହେବେ ।

ଲଙ୍କା ଆମ୍ବରୁ ସସ୍, ସ୍କ୍ୱାସ, ଜାମ୍ ଓ ଜେଲି ଏବଂ ଚୋପାରୁ ତେଲ ନିଷ୍କାସନ କରାଯାଇପାରୁଛି । ଆମ୍ବ ସମୟରେ ଆମ୍ବରୁ ଆଚାର ପ୍ରସ୍ତୁତି, ପାଚିଲା ଆମ୍ବରୁ ଆମ୍ବସଢ଼ା, ସ୍କାସ୍‌ପ୍ରସ୍ତୁତି ଓ ଆମ୍ବ କୋଇଲିକୁ ପଶୁ ଖାଦ୍ୟରେ ପରିଣତ କରିବା ପାଇଁ ଏକ କ୍ଷୁଦ୍ର କୁଟୀର ଶିଳ୍ପ ପ୍ରତିଷ୍ଠା କରାଯାଇପାରିବ। ଏ ଦିଗରେ ଯୁବକମାନଙ୍କର ବୈଷୟିକ ଜ୍ଞାନ ଥିଲେ ସେମାନେ ଖୁବ୍ କମ୍ ଖର୍ଚ୍ଚରେ ଏଭଳି ଶିଳ୍ପ ସ୍ଥାପନ କରି ଆତ୍ମନିଯୁକ୍ତି ପାଇପାରିବେ। କୃଷି ସମ୍ପୂର୍ଣ୍ଣ ଜଳବାୟୁ ଉପରେ ନିର୍ଭର କରେ । ଜଳବାୟୁ (ବର୍ଷା, ଶୀତ ଏବଂ ଉତ୍ତାପ ) କିପରି ଆସେ ଏବଂ କିପରି ଯାଏ, ତାହା କେବଳ ପ୍ରକୃତି ହିଁ ଜାଣେ । ବନ୍ୟା, ବାତ୍ୟା, ମରୁଡ଼ିରେ ଆମ ରାଜ୍ୟର ୫୦% ଭାଗ ଫସଲ ନଷ୍ଟ ହୋଇଯାଏ । ବର୍ତ୍ତମାନ ଜଳବାୟୁର ଗତିବିଧିକୁ ଜାଣିବା ପାଇଁ ଇଲେକ୍ଟ୍ରୋନିକ୍ସ ଯନ୍ତ୍ରପାତିମାନ ବାହାରିଲାଣି । ଏହାଦ୍ୱାରା କେତେବେଳେ ବର୍ଷା ହେବ, ବାତ୍ୟା ହେବ, ମରୁଡ଼ି ହେବ, ବନ୍ୟା ହେବ ତାହା ସହଜରେ ଜାଣିହୁଏ ଓ ଚାଷୀ ଏ ବିଷୟରେ ସତର୍କ ହୋଇପାରିବ । ଇଲେକଟ୍ରୋନିକ୍ସ ଯନ୍ତ୍ରପାତି ଅତି ସୂକ୍ଷ୍ମ ଏବଂ ଏହାର ମରାମତି ଓ ରକ୍ଷଣାବେକ୍ଷଣ ମଧ୍ୟ ଅତି ବ୍ୟୟସାପେକ୍ଷ । ଶିଳ୍ପ ତାଲିମ ଅନୁଷ୍ଠାନରେ ଇଲେକ୍ଟ୍ରୋନିକ୍ସ ଜ୍ଞାନ ଥିବା ଛାତ୍ରମାନେ ପଞ୍ଚାୟତ ବା ଉପଖଣ୍ଡ ସ୍ତରରେ ଜଳବାୟୁ ନିୟନ୍ତ୍ରିତ ଇଲେକଟ୍ରୋନିକ୍ସ ଯନ୍ତ୍ର ବସାଇ ଚାଷୀକୁ ଏ ଦିଗରେ ସତର୍କ କରାଇପାରିବେ ଏବଂ ସେମାନେ ପାରିଶ୍ରମିକ ହିସାବରେ ଚାଷୀଠାରୁ ମୂଲ୍ୟ ପାଇପାରିବେ । ବର୍ତ୍ତମାନ ଯୁଗକୁ କମ୍ପ୍ୟୁଟର ଯୁଗ କୁହାଯାଉଛି। କମ୍ପ୍ୟୁଟରରେ ଚାଷବାସ ସମ୍ବନ୍ଧୀୟ ପରିସଂଖ୍ୟାନ ଲିପିବଦ୍ଧ ହୋଇ ରହିଥିବ ଏବଂ ବାର୍ଷିକ କ୍ଷେତର ଅମଳ ଏବଂ କେଉଁ ପ୍ରକାର ଫସଲ ଚାଷ ହେଉଛି, କେତେ ଖାଦ୍ୟସାର ପଡ଼ିଛି, କେଉଁ ପ୍ରକାର କୃଷି ଯନ୍ତ୍ରପାତି ଇତ୍ୟାଦି ବ୍ୟବହାର ହୋଇଅଛି, ଏହାକୁ ଲିପିବଦ୍ଧ କରି ରଖାଯାଇପାରିବ।

ସମୟ ଆସିଲେ କମ୍ପ୍ୟୁଟରରୁ ଏହି ସବୁ ସୂଚନା ବାହାର କରାଯାଇ ଭବିଷ୍ୟତ କୃଷିପାଇଁ ବ୍ୟବହାର କରାଯାଇ ପାରିବ। ତେଣୁ କମ୍ପ୍ୟୁଟରର ଜ୍ଞାନ ଥିବା ଛାତ୍ରଛାତ୍ରୀମାନେ ପଞ୍ଚାୟତ ବା ଉପଖଣ୍ଡ ସ୍ତରରେ କମ୍ପ୍ୟୁଟର ରଖି ଚାଷୀମାନଙ୍କୁ ଠିକ୍ ସମୟରେ କୃଷି ସମ୍ବନ୍ଧୀୟ ସୂଚନା ଦେଇପାରିବେ । ତେଣୁ ଆମ ରାଜ୍ୟର ବୈଷୟିକ ଜ୍ଞାନ ଥିବା ଯୁବକ/ଯୁବତୀମାନେ ଆଉ ଚାକିରି ଆଶା ନ ରଖି ଏବଂ ସହରାଭିମୁଖୀ ନ ହୋଇ ଗ୍ରାମାଞ୍ଚଳରେ ଏପରି ଉଦ୍ୟୋଗମାନ ପ୍ରତିଷ୍ଠା କଲେ, ନିଜେ ଆତ୍ମନିଯୁକ୍ତି କର୍ମସଂସ୍ଥାନ ଯୋଗାଣରେ ସାହାଯ୍ୟ କରି ରାଜ୍ୟ ତଥା ଦେଶର ଗୌରବ ଅକ୍ଷୁର୍ଣ୍ଣ ରଖିପାରିବେ ।

**ସଦସ୍ୟ, ଓଡ଼ିଶା ବିଜ୍ଞାନ ଏକାଡ଼େମୀ**




# କୋଭିଡ୍ ଆୟୋଗ ଗଠନ କରନ୍ତୁ କେନ୍ଦ୍ର ସରକାର !



ଭୁବନେଶ୍ୱର (ପିଏନ୍): ମହାମାରୀ କୋଭିଡରେ ସାରା ବିଶ୍ୱ ପ୍ରଭାବିତ ହୋଇଥିବା ବେଳେ ଆମ ଦେଶ ମଧ୍ୟ ବ୍ୟାପକ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି । ବହୁ ସଂଖ୍ୟାରେ ଲୋକଙ୍କ ଜୀବନ ଯାଇଥିବା ବେଳେ ଅନେକ ପରିବାର ନିଶ୍ଚିହ୍ନ ହୋଇଯାଇଛି । କୋଭିଡ କାଳରେ ବ୍ୟାପକ ଅବ୍ୟବସ୍ଥା ଯୋଗୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଇଛନ୍ତି । ସ୍ୱାସ୍ଥ୍ୟ କେନ୍ଦ୍ରରେ ଅମ୍ଳଜାନ ଓ ବେଡ୍‌ର ଅଭାବ ଯୋଗୁ ଅକାଳରେ ଅନେକ ଜୀବନ ଯାଇଛି । ମାତ୍ର ମୋଦି ସରକାର ଏ ସବୁ ଅବ୍ୟବସ୍ଥା ଓ କୋଭିଡ୍ ମୃତ୍ୟୁ ସଂଖ୍ୟା ଲୁଚାଇ ବାହା ବାହା ନେବାକୁ ହୀନ ପ୍ରୟାସ କରିଛନ୍ତି । ଯାହାକି ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ସ୍ପଷ୍ଟ ହୋଇଛି । ମୋଦି ସରକାର ଆମ ଦେଶରେ କୋଭିଡ ଜନିତ ମୃତ୍ୟୁ ସଂଖ୍ୟା ୪.୮ ଲକ୍ଷ ଦର୍ଶାଇଥିବା ବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହା ୪୭ ଲକ୍ଷ ବୋଲି କହିଛି । ଯାହାକି ମୋଦି ସରକାରଙ୍କ ଅପାରଗତାକୁ ପଦାରେ ପକାଇ ଦେଇଛି ବୋଲି ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଂଜନ ଲେଙ୍କା କହିଛନ୍ତି । ଏକ ପ୍ରେସ୍ ବିଜ୍ଞପ୍ତିରେ ଡ. ଲେଙ୍କା କୋଭିଡ୍ ପରିଚାଳନା କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଅପାରଗତା ସମ୍ପର୍କରେ କହିବା ସହ ପ୍ରକୃତ କୋଭିଡ୍ ମୃତ୍ୟୁ ସଂଖ୍ୟାକୁ ସାମ୍ନାକୁ ଆଣିବା ନିମନ୍ତେ ସରକାର ସର୍ବଦଳୀୟ ନେତାଙ୍କୁ ନେଇ ଏକ କୋଭିଡ୍ ଆୟୋଗ ଗଠନ କରିବାକୁ ଦାବି କରିଛନ୍ତି । ଏଥିସହ ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ଦାବି ରଖିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ କୋଭିଡ ସମୟରେ କୁଢ଼ କୁଢ଼ ମୃତ ଦେହ ଗଙ୍ଗା ନଦୀରେ ଭାସୁଥିବା ଦେଖିବାକୁ ମିଳିଥିଲା । ଲୋକେ ଅକ୍ସିଜେନ୍ ପାଇଁ ଡହଳ ବିକଳ ହେଉଥିଲେ । ଏହି ସମୟରେ ଯୁବ କଂଗ୍ରେସ ତା'ର ଯୁବ ସାଥିମାନଙ୍କୁ ନେଇ କୋଭିଡ୍ ଆକ୍ରାନ୍ତଙ୍କୁ ପାରୁପର୍ଯ୍ୟନ୍ତ ସହାୟତା କରିବା ପାଇଁ ଉଦ୍ୟମ କରିଥିଲା । ବିଶେଷ କରି ରାଜଧାନୀ ଦିଲ୍ଲୀରେ ଯେତେବେଳେ ସଙ୍କଟଜନକ ପରିସ୍ଥିତି ଉପୁଜିଥିଲା, ସେତେବେଳେ ସରକାର ହାତ ଟେକି ଦେଇଥିଲେ । ମାତ୍ର ଯୁବ କଂଗ୍ରେସ ରାଷ୍ଟ୍ରୀୟ ସଭାପତି ଶ୍ରୀନିବାସ ବିଭିଙ୍କ ନେତୃତ୍ୱରେ ସେତେବେଳେ ଯୁବ ସାଥିମାନେ ରୋଗୀଙ୍କୁ ଅକ୍ସିଜେନ୍ ଯୋଗାଣ ସହ ବିଭିନ୍ନ ସହାୟତା କରିଥିଲେ । ତାଙ୍କ ନେତୃତ୍ୱରେ ଦେଶ ଓ ଦେଶ ବାହାରର ବହୁ ସ୍ୱେଚ୍ଛାସେବୀ ସଂଗଠନ କୋଭିଡ୍ ବିରୋଧି ଲଢ଼େଇରେ ସାମିଲ ହୋଇଥିଲେ । ଏଥିପାଇଁ ସେମାନେ ଶ୍ରୀନିବାସ ବିଭିଙ୍କୁ ଅକ୍ସିଜେନ୍ ମ୍ୟାନ୍ ଆଖ୍ୟା ଦେଇଥିଲେ । ମାତ୍ର ମୋଦି ସରକାର ଯୁବ କଂଗ୍ରେସର ଏହି ସହାୟତା ଅଭିଯାନକୁ ଗ୍ରହଣ କରିପାରି ନ ଥିଲେ । ଏଥିପାଇଁ ଶ୍ରୀନିବାସ ବିଭିଙ୍କୁ ଜେରାର ସମ୍ମୁଖୀନ ହେବାକୁ ପଡ଼ିଥିଲା ଓ ଯୁବ କଂଗ୍ରେସ କର୍ମୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଏବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଆସିବା ପରେ ସରକାର କୋଭିଡ୍ ମୃତକଙ୍କ ସଂଖ୍ୟା ଲୁଚାଇଥିବା ଓ ବ୍ୟାପକ କୋଭିଡ୍ ସହାୟତା ପାଣ୍ଠି ହେରଫେର କରିଥିବା ସ୍ପଷ୍ଟ ହୋଇଛି । ତେଣୁ ପ୍ରକୃତ ସତ୍ୟ ସାମ୍ନାକୁ ଆଣିବା ପାଇଁ ସରକାର ସବୁ ଦଳର ନେତାଙ୍କୁ ନେଇ ଏକ କୋଭିଡ୍ ଆୟୋଗ ଗଠନ କରିବାକୁ ଡ. ଲେଙ୍କା ଦାବି କରିଛନ୍ତି ।

# ମାନବ ଜାତି ତିଷ୍ଠି ରହିବାକୁ ହେଲେ ବିଶ୍ୱଶାନ୍ତି ଅପରିହାର୍ଯ୍ୟ

ଭୁବନେଶ୍ୱର (ପିଏନ୍): ୟୁନିଟ-୪ ସ୍ଥିତ ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ଜମାତ ପକ୍ଷରୁ ମାଷ୍ଟର କ୍ୟାଂଟିନ ଛକ ଏବଂ ରାଜମହଲ ଛକଠାରେ ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ବିଶ୍ୱବ୍ୟାପୀ ବ୍ୟାନର ପ୍ରଦର୍ଶନୀ କରାଯାଇଛି । ଯେଉଁଥିରେ ଏ ଶାନ୍ତିବାର୍ତ୍ତା ଦିଆଯାଉଛି ଯେ ତୃତୀୟ ବିଶ୍ୱଯୁଦ୍ଧ ନହେଉ ଅଥବା ବନ୍ଦ କରାଯାଉ । ସାମ୍ବାଦିକମାନଙ୍କୁ ସୂଚନା ଦେଇ ଅହମଦୀୟା ମୁସଲିମ ଜମାତ ଭୁବନେଶ୍ୱରର ସଭାପତି ମୁହମ୍ମଦ ନୁରୁଦ୍ଦିନ ଅମିନ କହିଲେ; ବର୍ତ୍ତମାନ ୟୁକ୍ରେନ ଓ ରୁଷ ମଧ୍ୟରେ ଯେଉଁ ଭୟାବହ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି, ସେଥିରୁ ଆଶଙ୍କା କରାଯାଉଛି ଯେ ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯିବ । ତୃତୀୟ ବିଶ୍ୱଯୁଦ୍ଧ ହୋଇଗଲେ ମାନବ ଜାତି ଭୟାବହ ଧ୍ୱଂସଲୀଳା ଦେଖିବ । ଇତିହାସ ସାକ୍ଷୀ ଏବଂ ଆମେ ବି ଜାଣିଛେ ବିଂଶ ଶତାବ୍ଦିରେ ଦୁଇଗୋଟି ଐତିହାସିକ ବିଧ୍ୱଂସକାରୀ ବିଶ୍ୱଯୁଦ୍ଧ ହୋଇଥିଲା । ସେଥିରୁ ଶିକ୍ଷା ହାସଲ କରିବା ଉଚିତ । ଏ ସଂପର୍କରେ




ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ଜମାତର ସର୍ବୋଚ୍ଚ ମୁଖ୍ୟ ବିଭିନ୍ନ ଜାତି ଓ ସଂପ୍ରଦାୟର ମୁଖ୍ୟଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି ଯେ ସେମାନେ ଜାତିବାଦ ଓ ବ୍ୟକ୍ତିଗତ ଲାଭକୁ ଭୁଲି ସବୁ କ୍ଷେତ୍ରରେ ପ୍ରକୃତ ନ୍ୟାୟକୁ ପ୍ରତିଷ୍ଠା କରି ବିଶ୍ୱଶାନ୍ତି ଓ ନିରାପତାକୁ ଅଗ୍ରାଧିକାର ଦିଅନ୍ତୁ । ମୌଲାନା ଫଜଲ ହକ ଖାଁ ସାମ୍ବାଦିକମାନଙ୍କୁ ସୂଚନା ଦେଇ କହିଲେ; ଯଦି ବିଶ୍ୱବାସୀ ବିଶ୍ୱଶାନ୍ତି ଚାହୁଁଛନ୍ତି ତେବେ ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ଜମାତର ସର୍ବୋଚ୍ଚ ମୁଖ୍ୟଙ୍କ ଏହି ୧୦ଗୋଟି ନୀତିବାଣୀକୁ ପାଳନ କରିବା ଉଚିତ । ୧. ନିଜ ସୃଷ୍ଟିକର୍ତ୍ତାଙ୍କୁ ଚିହ୍ନନ୍ତୁ । ୨. ପୂର୍ଣ୍ଣ ନ୍ୟାୟ ପ୍ରତିଷ୍ଠା କରନ୍ତୁ । ୩. ବିଶ୍ୱବ୍ୟାପୀ ଏକତାକୁ ପ୍ରଶ୍ରୟ ଦିଅନ୍ତୁ । ୪. ପରମାଣୁ ଅସ୍ତ୍ରର ବର୍ଜନ କରନ୍ତୁ । ୫. ଅସ୍ତ୍ରଶସ୍ତ୍ରର ବ୍ୟବସାୟରୁ ଲାଭ ଉପାର୍ଜନ କରିବା ବନ୍ଦ କରନ୍ତୁ । ୬. ଅର୍ଥନୈତିକ ସମାନତା ସୃଷ୍ଟି କରନ୍ତୁ ଏବଂ ଦାରିଦ୍ର୍ୟ ଦୂର କରନ୍ତୁ । ୭. ଦେଶର ବିକାଶ ଓ ଉନ୍ନତି ସକାଶେ ଉଦ୍ୟମ କରନ୍ତୁ । ୮. ଚରମପନ୍ଥୀ ଦଳର ପ୍ରତିବାଦ କରନ୍ତୁ । ୯. ମାନବ ଜାତିର ସେବା କରନ୍ତୁ । ୧୦. ପାରସ୍ପରିକ ଆସ୍ଥା ପ୍ରତି ସମ୍ମାନ ପ୍ରଦର୍ଶନ କରନ୍ତୁ । ଏହିଭଳି ବିଶ୍ୱଶାନ୍ତି ପ୍ରତିଷ୍ଠା କରିବାର କାର୍ଯ୍ୟକ୍ରମ ମଧ୍ୟ ସକାଳ ୯:୦୦ରୁ ୧୧:୦୦ କଳ୍ପନା ଛକ ଏବଂ ସଂଧ୍ୟା ୪:୦୦ରୁ ୫:୦୦ ପର୍ଯ୍ୟନ୍ତ ରାମମନ୍ଦିର ଛକଠାରେ ଅନୁଷ୍ଠିତ ହୋଇଥିଲା ବୋଲି ଭୁବନେଶ୍ୱର ଅହମଦୀୟା ଯୁବ ସଂଗଠନର ସଭାପତି ସମିର ଅହମଦ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ମୌଲାନା ନବିଦୁଲ ଫତାହ, ମୌଲାନା ଅଲିମ ଖାଁ, ମୌଲାନା ଅବ୍ଦୁଲ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟ ଏଲିମେଣ୍ଟାରୀ ଟି.ଜି. ଶିକ୍ଷକ ସଂଘର ଗ୍ରୀଷ୍ମବକାଶ ବାତିଲକୁ ବିରୋଧ

ବାଲେଶ୍ୱର (ପିଏନ୍)- ନିଖିଳ ଉତ୍କଳ ଏଲିମେଣ୍ଟାରୀ ଟି.ଜି ଶିକ୍ଷକ ସଂଘର ଏକ ଜରୁରୀ ଆଭାସୀ ବୈଠକ ସଂଘର ସଭାପତି ଲକ୍ଷ୍ମଣ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ସାଧାରଣ ସଂପାଦକ ମୂରଲୀଧର ନାୟକ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପତ୍ରାଙ୍କ ନଂ ୭୭୯୧ ତା୧୬.୪. ୨୦୨୨ରିଖରେ ଦର୍ଶାଯାଇଥିବା ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଗ୍ରୀଷ୍ମବକାଶକୁ ବାତିଲ କରିବା ଦ୍ୱାରା ଲକ୍ଷ ଲକ୍ଷ ଶିଶୁମାନଙ୍କ ସହ ସରକାର ମାନସିକ ଭାରାକ୍ରାନ୍ତ କରୁଛନ୍ତି ବୋଲି ଅଭିଯୋଗ ଉଠିଥିଲା । ପାଠ୍ୟଦାନ ଓ ପାଠ୍ୟଗ୍ରହଣ ଏକ ମାନସିକ ପ୍ରକ୍ରିୟା, କୋଭିଡ଼ ୧୯ର କରାଳଛାୟା ସମଗ୍ର ବିଶ୍ୱ ପାଇଁ ଆତଙ୍କ ଥିଲା । ଏହି ଆତଙ୍କ ମଧ୍ୟରେ ସମସ୍ତ ଛାତ୍ରଛାତ୍ରୀ, ପିତାମାତା, ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ ଭୟର ବାତାବରଣ ମଧ୍ୟରେ ଥିଲେ । ମହାମାରୀ କରୋନା ସମୟରେ ପାଠ୍ୟଦାନକୁ ଶତ ପ୍ରତିଶତ ପରିପୁଷ୍ଟ କରିବାକୁ ମହାମାରୀ ଅଂଶୁଘାତ ସମୟ ହିଁ ପ୍ରକୃଷ୍ଟ ସମୟ ବୋଲି ସରକାର ବିବେଚନା କରିଛନ୍ତି । ସରକାର ଭାବୁଛନ୍ତି ଗାଁର ସ୍କୁଲକୁ ଗାଁର ପିଲାମାନେ ଯିବେ, ମଧ୍ୟାହ୍ନ ଭୋଜନ ଖାଇବେ, ତୃତୀୟ ପକ୍ଷ ଦ୍ୱାରା ବ୍ରିଜ୍ କୋର୍ସରେ ୨ ବର୍ଷର ପାଠକୁ ୮୧ ଘଣ୍ଟାରେ ସମାପ୍ତ କରିବେ, କିନ୍ତୁ ଓଡ଼ିଶାର ଅନେକ ଦୁର୍ଗମ ଅଞ୍ଚଳ ଅଛି ଯେଉଁଠିକୁ ସ୍କୁଲ ୨ରୁ ୩ କିମି ଦୂର ଓ ପିଲାମାନେ ଚାଲି ଚାଲି ଯା ଆସ କରନ୍ତି, ସେଠାକାର ଅବସ୍ଥା କଣ ହେବ ବୋଲି ସଂଘ ପ୍ରଶ୍ନ ଉଠାଉଛି । ଛାତ୍ରଛାତ୍ରୀଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେଲେ ଦାୟୀ କିଏ ରହିବ ? କୋଭିଡ଼ ସମୟରେ ୨ ବର୍ଷ ଧରି ଘରେ ବାନ୍ଧି ହୋଇ ରହିଥିବା ପିଲାଟି ଗ୍ରୀଷ୍ମବକାଶରେ ମଧ୍ୟ ବୁଲିବାକୁ ଯାଇପାରିବ ନାହିଁ । କୋଭିଡ଼ ଯୋଦ୍ଧା ନ ହୋଇ ମଧ୍ୟ ଅସ୍ଥାୟୀ କୋଭିଡ଼ ହସ୍ପିଟାଲର ଦାୟିତ୍ୱ, ଟ୍ରେନ ଓ ବସରେ ପ୍ରବାସୀ ଓଡ଼ିଆଙ୍କୁ କୋଭିଡ଼ ସେଣ୍ଟରକୁ ନେବା ସହ ସେମାନଙ୍କ ଯତ୍ନ ନେବା, ଟୀକାଦାନ ବେଳର ଦାୟିତ୍ୱ, ଛାତ୍ରଛାତ୍ରୀଙ୍କ ଘରକୁ ଯାଇ ପୁସ୍ତକ, ପୋଷାକ, ଚାଉଳ, ଟଙ୍କା, ବଣ୍ଟନ, ୨ଟି ବାତ୍ୟା ସହାୟତା କାର୍ଯ୍ୟ, ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ, ପୌରାଞ୍ଚଳ ନିର୍ବାଚନ, ଉପନିର୍ବାଚନର କାର୍ଯ୍ୟ, ଗାଁକୁ ଯାଇ ନାସ ଏଫଏଲଏନ ପାଠ୍ୟଦାନ ଶିକ୍ଷକ ଶିକ୍ଷୟତ୍ରୀମାନେ ନିର୍ବାହ କରିଛନ୍ତି । ହେଡକ୍ୱାଟର ନ ଛାଡ଼ିବାକୁ ସରକାରଙ୍କ କଡ଼ା ନିର୍ଦ୍ଦେଶ ଥିଲା, ଯେଉଁମାନେ କାର୍ଯ୍ୟରେ ସାମାନ୍ୟ ଅବହେଳା କରିଛନ୍ତି ସେମାନଙ୍କୁ କଠୋର ଦଣ୍ଡ ଦିଆଯାଇଛି । ଗ୍ରୀଷ୍ମବକାଶକୁ ବାତିଲ କରି ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ମାନସିକ ଚାପ ବୃଦ୍ଧି କରାଯାଉଛି । ତଥାପି ସହନଶିଳତାର ପ୍ରତିକ ସମାଜ ର ଆଗଧାଡ଼ିର ମଣିଷ ଶିକ୍ଷକ ସମାଜ, ଅଂଶୁଘାତକୁ ଭ୍ରୁକ୍ଷେପନ କରି ଏହି ବ୍ରିଜ କୋର୍ସକୁ କାର୍ଯ୍ୟରେ ପରିଣତ କରିବାକୁ ପ୍ରସ୍ତୁତ । ଛାତ୍ରଛାତ୍ରୀଙ୍କର ମାନସିକ ସନ୍ତୁଳନ, ସ୍ୱାସ୍ଥ୍ୟଗତ୍ୟ ସମସ୍ୟା ସରକାର ଗୁରୁତ୍ୱ ଦେବା ସହ ଶିକ୍ଷକ, ଶିକ୍ଷୟତ୍ରୀଙ୍କୁ ସମ ପରିମାଣର ଅର୍ଜିତ ଛୁଟି ପିଲାଙ୍କ ଯାତାୟାତ ବ୍ୟବସ୍ଥା, ବିଦ୍ୟାଳୟରେ ଡାକ୍ତର ଓ ନର୍ସଙ୍କ ବ୍ୟବସ୍ଥା ଆଶୁ ଚିକିତ୍ସାର ବ୍ୟବସ୍ଥା କରାନ୍ତୁ ବୋଲି ସଂପାଦକ ସନ୍ତୋଶ କୁମାର ମିଶ୍ର, ଜର୍ନାଲ ସଂପାଦକ ସତ୍ୟବ୍ରତ ରାଉତ, ହେମନ୍ତ କୁମାର ପଣ୍ଡା, ଜାକୀର ହୁସେନ, ନିରଞ୍ଜନ ପଣ୍ଡା, ଭଜମନ ଦେହୁରୀ, ଅଜିତ କୁମାର ମହାପାତ୍ର, ଖୋର୍ଦ୍ଧା ଜିଲ୍ଲା ସଂପାଦକ ସୁବାସ ଦାସ ପ୍ରମୁଖ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ଓଡିଶାର ପ୍ରଥମ ପ୍ରଧାନମନ୍ତ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ପାଳିତ



ଭୁବନେଶ୍ୱର (ପିଏନ୍): ଓଡିଶାର ପ୍ରଥମ ପ୍ରଧାନମନ୍ତ୍ରୀ, ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ଅବସରରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ସମ୍ମିଳନୀର ବରିଷ୍ଠ ସଦସ୍ୟ ଭୃଗୁ ବକ୍ସିପାତ୍ର, ମଞ୍ଚେଶ୍ୱର ଶାଖା ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ଓ ପ୍ରସନ୍ନ ରଥ ପ୍ରମୁଖ ଯୋଗଦେଇ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଶାଖାର ଉପ-ସଭାପତି ସୁବ୍ରତ ମହାପାତ୍ର, ସମ୍ପାଦିକା ବାସନ୍ତି ତ୍ରିପାଠୀ, ଯୁଗ୍ମ-ସଂପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ, ଦିପ୍ତିମୟୀ ନାୟକ, ଗୋପୀ ମୋହନ ପଟ୍ଟନାୟକ, ଅକ୍ଷୟ କୁମାର ଜେଠୀ ଓ ରାମଚନ୍ଦ୍ର ସାମଲ ଆଦି ବହୁ ସଦସ୍ୟ ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ ।

# ସମ୍ବିଧାନର ସୁରକ୍ଷା ଦେଶର ସୁରକ୍ଷା

କେନ୍ଦ୍ରାପଡା (ପିଏନ୍): ଡକ୍ଟର ଆମ୍ବେଦକର ବିଚାର ମଞ୍ଚ, କେନ୍ଦ୍ରାପଡା ପକ୍ଷରୁ ସମ୍ବିଧାନ ପ୍ରଣେତା ତଥା ଭାରତବର୍ଷର ପ୍ରଥମ ଆଇନମନ୍ତ୍ରୀ ପୁଣ୍ୟାତ୍ମା ବାବା ସାହେବ ଡଃ. ଭୀମରାଓ ଆମ୍ବେଦକରଙ୍କ ୧୩୧ତମ ଜନ୍ମ ଜୟନ୍ତୀ ବିଚାର ମଞ୍ଚର ଅଧ୍ୟକ୍ଷ ପ୍ରଫେସର ନନ୍ଦ କିଶୋର ପରିଡାଙ୍କ ପୌରହିତ୍ୟରେ କେନ୍ଦ୍ରାପଡା ସହରର ପୁରୁଣା ବସଷ୍ଟାଣ୍ଡଠାରେ ପାଳିତ ହୋଇଯାଇଛି । ପ୍ରଥମେ ବାବା ସାହେବଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ସହ ମହାତ୍ମା ଗାନ୍ଧୀ ଓ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତୀରେ ମଧ୍ୟ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା । ଏହି ପୁଣ୍ୟପୀଠରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳୀ ସଭାରେ ସଭାପତିତ୍ୱ କରି ଅଧ୍ୟକ୍ଷ ନନ୍ଦକିଶୋର ପରିଡା ସମ୍ବିଧାନର ଭାବ ଓ ଭାଷାର ଯଥାର୍ଥ ଅନୁପାଳନ କରିପାରିଲେ ଡଃ. ଅମ୍ବେଦକରଙ୍କ ଉଦ୍ଦେଶ୍ୟ ସାଧିତ ହେବ ବୋଲି ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକାରୀ ଅଧ୍ୟକ୍ଷ ଗଣେଶ୍ୱର ବେହେରା ଆମ୍ବେଦକରଙ୍କୁ ସମ୍ବିଧାନର ମୁଖ୍ୟ ସ୍ଥପତି ଅଭିହିତ କରିବାର ଯଥାର୍ଥତା ଉପରେ ଆଲୋକପାତ କରି ସେ କିପରି ଏକାକୀ ଚିଠା କମିଟିର ଗୁରୁଦାୟିତ୍ୱ ବହନ କରିଥିଲେ ଓ ସମ୍ବିଧାନ ପ୍ରଣୟନ ସଭାରେ ଦୃଢତା, ଦକ୍ଷତା ଓ ବୁଦ୍ଧିମତାର ସହ ଚିଠା ବିଲ୍ ପରିଚାଳନା କରିଥିଲେ ତା' ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି ଡାକ୍ତର ବିଶ୍ୱପ୍ରକାଶ କାନୁନଗୋ, ଆଇନଜୀବି ଧିରେନ ସାହୁ, ଡଃ. ବାସୁଦେବ ଦାସ, ଓକିଲ ସଂଘ ସଭାପତି ଧ୍ରୁବଚରଣ ଜେନା, ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ଗୟାଧର ଧଳ, ଆଇନଜୀବି ସରୋଜରାଜ ସିଂ, ଜିଲ୍ଲା କଂଗ୍ରେସ ଉପ ସଭାପତି ପ୍ରଫୁଲ୍ଲ ଦାସ, ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, ସିପିଆଇ ନେତା ରମଣୀ ରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳ, ପ୍ରଫେସର ଅଜୟ ସାମଲ, କଂଗ୍ରେସ ନେତା ଗୋପାଳ କୃଷ୍ଣ ଜେନା, ନଗର କଂଗ୍ରେସ ସଭାପତି ରାଜେଶ ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ଚିତ୍ରସେନ ପରିଡା, ମଞ୍ଚର ସାଧାରଣ ସମ୍ପାଦକ ମୁକ୍ତାର ଖାଁ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ମିର୍ ମୁରସିଦ୍, ଛାତ୍ର କଂଗ୍ରେସ ସଭାପତି ପରଭେଜ ଅକ୍ତର, ଯୁବ କଂଗ୍ରେସ ସଭାପତି ରତିକାନ୍ତ ସାମଲ, ପୂର୍ବତନ ସରପଞ୍ଚ ନାରାୟଣ ଚନ୍ଦ୍ର ପରିଡା, କାଉନସିଲର ତୁଳସୀ ହେମ୍ବ୍ରମ୍ ପ୍ରମୁଖ ସମ୍ବିଧାନର ସୁରକ୍ଷା ଦେଶର ସୁରକ୍ଷା ମର୍ମରେ ଅଭିଭାଷଣ ରଖିଥିଲେ । ସାମ୍ବାଦିକ ଆଶିଷ ସେନାପତି, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପୂର୍ବତନ କାଉନସିଲର ପ୍ରଫୁଲ୍ଲ ସାହୁ, ମହିଳା କଂଗ୍ରେସ ସଭାପତି ପରୱିନ୍ ଯସ୍ମିନ୍, ଜଗତ ଜୀବନ ଦାସ, କାଉନସିଲର ରମେଶ ଚନ୍ଦ୍ର ଦାସ, ଜିଲ୍ଲା କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ସର୍ବେଶ୍ୱର ସେଠୀ ମଧ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

## ଜାତମୁଣ୍ଡିଆଠାରେ ମା' ପୋଟଲେଇଙ୍କ ଝାମୁ ଯାତ୍ରା



ବାଙ୍କୀ (ପିଏନ୍-ପବିତ୍ର ଚୈତ୍ର ପୂର୍ଣ୍ଣିମା ଅବସରରେ ବାଙ୍କୀ ଡମପଡ଼ା ଅଞ୍ଚଳର ବହୁ ପ୍ରାଚୀନ କାଳଠାରୁ ଜାତମୁଣ୍ଡିଆ ସ୍ଥିତ ମା'ପୋଟଲେଇଙ୍କ ପୀଠରେ ବହୁବର୍ଷ ଧରି ବହୁ ମାନସିକ ଧାରି କାଳେସୀ ଝାମୁଆମାନେ ଏହି ଦିନରେ ମା' ପୋଟଲେଇଙ୍କ ଆଳତୀ, ସ୍ୱତନ୍ତ୍ର ମାଜଣାରେ ମା' ସୁସଜ୍ଜିତ ହେଲା ପରେ ଏହି ଯାତ୍ରା ଅନୁଷ୍ଠିତ ହୋଇଥାଏ । ସକାଳୁ ମା'ଙ୍କ ଦର୍ଶନ ପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା । ଦୀର୍ଘ ଦୁଇ ବର୍ଷ କରୋନା କଟକଣା ପରେ ଏହି ପର୍ବରେ ବହୁ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥିବା ବେଳେ ସକାଳୁ ଝାମୁଆଙ୍କ ସହଯୋଗୀମାନେ ପହିଖୋଳି ସେଥିରେ କୋଇଲା ଓ କାଠ ଭର୍ତ୍ତି କରି ଏହାକୁ ପ୍ରସ୍ତୁତ କରିଥିଲେ । ଝାମୁଆ ଅସିବା ପୂର୍ବରୁ ଅଗ୍ନିସଂଯୋଗ କରାଯାଇଥିଲା । ମଧ୍ୟାହ୍ନରେ ଝାମୁଆମାନେ ମା'ଙ୍କ ପୀଠରୁ ଠାକୁରାଣୀଙ୍କ ଚଳିତ ପ୍ରତିମାକୁ ଏକ ବିଶାଳ ପଟୁଆର ସହିତ କୀର୍ତ୍ତନ ଓ ଢ଼ୋଲବାଜା କରାଯାଇ ଝାମୁଆମାନେ ନୂତନ ବସ୍ତ୍ର ପରିଧାନ କରି ସେଠାରୁ କାଳେସୀଙ୍କ ଆଜ୍ଞାମାଳ ସହିତ ଝାମୁଆମାନେ ଝାମୁ ଚାଲିଥିଲେ ।

## ନବନିର୍ବାଚିତ ପାରିଷଦଙ୍କ ସଫେଇ କାର୍ଯ୍ୟକ୍ରମ



ବାଙ୍କୀ (ପିଏନ୍)- ବାଙ୍କୀ ଏନ୍‌ଏସିର ୧୦ନମ୍ବର ୱାର୍ଡର ନବନିର୍ବାଚିତ କାଉନସିଲର ରାଜେନ୍ଦ୍ର ମହାପାତ୍ର ନିଜ ୱାର୍ଡର ବିଭିନ୍ନ କଲୋନୀ ତଥା ରାସ୍ତାଘାଟ, ଡ୍ରେନ୍ କୁ ନିଜେ ସଫା କରି ଅନ୍ୟକୁ ଉଦାହରଣ ସାଜିଥିବା ଦେଖିବାକୁ ମିଳିଛି । ଏଭଳି କାର୍ଯ୍ୟକ୍ରମକୁ ୧୦ନମ୍ବର ୱାର୍ଡର ବାସୀନ୍ଦା ଏହାକୁ ସ୍ୱାଗତ କରିବା ସହ କାଉନସିଲରଙ୍କୁ ପ୍ରଶଂସା କରିଛନ୍ତି ।

## ପେଟ୍ରୋଲିୟମ ପଦାର୍ଥର ଅତ୍ୟଧିକ ଦରବୃଦ୍ଧି ପ୍ରତ୍ୟାହାର ଦାବିରେ ସିପିଆଇ(ଏମ) ପକ୍ଷରୁ ଗଣବିକ୍ଷୋଭ




କେନ୍ଦ୍ରାପଡ଼ା (ପିଏନ୍): ଭାରତର କମ୍ୟୁନିଷ୍ଟ ପାର୍ଟି(ମାର୍କ୍ସବାଦୀ) କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଓ ଖାଇବା ତେଲର ଦର ବୃଦ୍ଧିକୁ ତୁରନ୍ତ ହ୍ରାସ କରିବା ଦାବିରେ ଏକ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଗତ ମାର୍ଚ୍ଚମାସ ୨୨ତାରିଖ ଠାରୁ ଲଗାତର ଭାବେ ୧୧ଥର ପେଟ୍ରୋଲ ଓ ଡିଜେଲର ଦରବୃଦ୍ଧି ଘଟିଛି । ରନ୍ଧନ ଗ୍ୟାସ ଏହି ସମୟ ମଧ୍ୟରେ ୫୦ ଟଙ୍କା ବୃଦ୍ଧି ପାଇଛି । ତୈଳଦର ବୃଦ୍ଧି ଯୋଗୁଁ ସବୁ ଜିନିଷର ମୂଲ୍ୟ ବଢିବା ସହିତ ବସ, ଟ୍ରକ, ଟ୍ୟାକ୍ସି ଓ ଅଟୋର ଭଡା ମଧ୍ୟ ବଢିଛି । ଦୁଇଚକିଆ ଓ ଚାରିଚକିଆ ଗାଡି ବ୍ୟବହାର କରୁଥିବା ଲୋକଙ୍କୁ ପ୍ରତି ଲିଟର ପିଛା ୭ଟଙ୍କା ଅଧିକ ଦେବାକୁ ପଡୁଛି । ଅର୍ଥାତ ଜଣେ ଗୋଟିଏ ଲିଟର ତେଲ ବ୍ୟବହାର କଲେ ମାସକୁ ୩ହଜାର ଟଙ୍କା ଅଧିକ ଖର୍ଚ୍ଚ କରୁଛି । ବିଶ୍ୱ ବଜାରରେ ଅଶୋଧିତ ତେଲ ଦର ବ୍ୟାରେଲ ପ୍ରତି ୧୧୦ଡଲାର ହେଲେ ଲିଟର ପ୍ରତି ମୂଲ୍ୟ ୪୫ଟଙ୍କା ହେବା କଥା । ମାତ୍ର ସରକାର ତେଲ ଉପରେ ୫୫ଟଙ୍କାରୁ ଅଧିକ ଅତିରିକ୍ତ ଟିକସ ବସାଇଛନ୍ତି । ଏହା ଦେଶବାସୀଙ୍କୁ ଦିନ ଦିପହରରେ ଲୁଟ । ତୈଳ ଦର ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଖାଉଟି ସାମଗ୍ରୀର ଦର ଆକାଶଛୁଆଁ ହେଲାଣି । ଅତ୍ୟଧିକ ଟିକସ ଲୋକଙ୍କ ପାଖରୁ ଆଦାୟ କରି ବଛା ବଛା ପୁଞ୍ଜିପତି ଓ କର୍ପୋରେଟରମାନଙ୍କୁ ନାନା ଉପାୟରେ ଟିକସ ରିହାତି ଓ ଛାଡ କରିବା ଯୋଗୁଁ ଦରଦାମ ବୃଦ୍ଧି ଘଟୁଛି । ଦେଶ ତଥା ଆମ ରାଜ୍ୟର ସାଧାରଣ ଜନତା ଏହି ମୂଲ୍ୟ ବୃଦ୍ଧିରେ ସନ୍ତୁଳିତ ହେଉଛନ୍ତି । ତେଲ ଉପରୁ ବିପୁଳ ପରିମାଣର ଟିକସ ପ୍ରତ୍ୟାହାର କରି ଲୋକଙ୍କୁ ଲୁଟ କରିବା ବନ୍ଦ କରାଯିବାକୁ କେନ୍ଦ୍ର ସରକାରଙ୍କୁ ବାଧ୍ୟ କରିବା ପାଇଁ ସି.ପି.ଆଇ.(ଏମ) ଜିଲ୍ଲା କମିଟି ପକ୍ଷରୁ ଆଜିର ଗଣ ବିକ୍ଷୋଭ ମାଧ୍ୟମରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପିତାମ୍ବର ସାମଲଙ୍କୁ ପ୍ରଦାନ କରାଯାଇଛି । ଏହି ବିକ୍ଷୋଭରେ ସଭାପତିତ୍ୱ କରିଥିଲେ ପାର୍ଟିର ବରିଷ୍ଠ ନେତା ଜଗତଜୀବନ ଦାଶ । ଅନ୍ୟମାନଙ୍କ ମଧ୍ୟରେ ପାର୍ଟିର ଜିଲ୍ଲା ସମ୍ପାଦକ ଗୟାଧର ଧଳ, ବରିଷ୍ଠ ନେତା ଉମେଶ ଚନ୍ଦ୍ର ସିଂହ, ମାଧବ ଦାସ, ଜିଲ୍ଲା କମିଟି ସଭ୍ୟ କାଳି ପ୍ରସାଦ ନାୟକ, ଶ୍ରମିକ ନେତା ଧନେଶ୍ୱର ରାଉତ, ରମେଶ ଚନ୍ଦ୍ର ମଲିକ, କୃଷକ ନେତା ବିଜୟ ଦାସ, ଦାଶରଥି ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ସୁଷମା ପଣ୍ଡା, କେଦାର ବେହୁରା, ମଥୁରୀ ମଲିକ, ରମେଶ ପ୍ରଧାନ, ଲକ୍ଷ୍ମୀପ୍ରିୟା ପଣ୍ଡା, ଉମାକାନ୍ତ ତ୍ରିପାଠୀ, ସତ୍ୟନାରାୟଣ ରାଉତ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

## ଚିଉଜ୍ଞାନୀ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର



ବାଙ୍କୀ (ପିଏନ୍)- ଚିଉଜ୍ଞାନୀ ଚାରିଟେବୁଲ୍ ଟ୍ରଷ୍ଟ କଟକ ତରଫରୁ ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ପାଥପୁର ପଞ୍ଚାୟତର ପାଥପୁର ଗ୍ରାମ ୟୁଜିଏମ୍‌ଇ ସ୍କୁଲ ଠାରେ ୬୦ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ଦିନିକିଆ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ କଟକ ଜିଲ୍ଲାପାଳ ଭବାନୀଶଙ୍କର ଚଇନୀ ଉଦ୍‌ଘାଟନ କରିଥିଲେ । ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ପ୍ରଫେସର ଦଣ୍ଡେଶ୍ୱର ହୋତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ସମ୍ମାନିତ ଅତିଥି ଭାବେ ବାଙ୍କୀ ଉପଜିଲ୍ଲାପାଳ ରଞ୍ଜନ କୁମାର ଜେନା, କଟକ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସତ୍ୟବ୍ରତ ଛୋଟରାୟ, ଡମପଡ଼ା ବିଡିଓ ଶ୍ୟାମଳ ରାୟ, ଡମପଡ଼ା ତହସିଲଦାର କ୍ଷୀତିଶ୍ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିବାବେଳେ ଉକ୍ତ ଶିବିରରେ ଅସ୍ଥିଶଲ୍ୟ, ଚକ୍ଷୁ, ଭେଷଜ, ବୃକକ୍, ସ୍ତ୍ରୀ ଓ ପ୍ରସୂତୀ , କର୍ଣ୍ଣ, ନାସା, ଗଳା ଆଦି ରୋଗର ପ୍ରମୁଖ ବିଭାଗ ବରିଷ୍ଠ ଡାକ୍ତର ଓ ପ୍ରଫେସରମାନେ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା । ଉକ୍ତ ଶିବିରରେ ୬୪୭ ଜଣ ବରିଷ୍ଠ ନାଗରିକ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ ।




# କରୋନା ନୂଆ ଭାରିଏଣ୍ଟ ଜେଏନ୍.୧ ପାଇଁ ଭିଟାମିନ -ସି,ଏ,ଡି ଏବଂ ଇ ପୋଷକ ତତ୍ତ୍ୱ ଯୁକ୍ତ ଖାଦ୍ୟ

ଏକ ସାମ୍ପ୍ରତିକ ଅନୁସନ୍ଧାନରେ ଜଣାପଡିଛି ଯେ, ଇ, ଇ ଏବଂ ଜଷ+ ରକ୍ତ ଗ୍ରୁପ ଥିବା ବ୍ୟକ୍ତିମାନେ କୋଭିଡ-୧୯ ସଂକ୍ରମଣ ହେବାର ଅଧିକ ଆଶଙ୍କା ଥାଏ। ଯେତେବେଳେ ଙ, ଇଇ ଏବଂ Rh- ରକ୍ତ ଗ୍ରୁପ ଥିବା ବ୍ୟକ୍ତିଙ୍କ ସଂକ୍ରମଣ ହେବାର ଆଶଙ୍କା କମ ଥାଏ। ଜର୍ନାଲ 'Frontiers in Cellular and Infection Microbiology'ରେ ପ୍ରକାଶିତ ତଥ୍ୟ ଏବେ ସମସ୍ତଙ୍କୁ ତାଜୁବ କରିଦେଇଛି ?

ଗବେଷଣା ଅନୁସାରେ, ଇ, ଇ ଏବଂ ଜଷ+ ରକ୍ତ ଗ୍ରୁପ ଥିବା ବ୍ୟକ୍ତିଙ୍କ ମଧ୍ୟରେ କୋଭିଡ-୧୯ ସଂକ୍ରମଣର ସମ୍ଭାବନା ଅଧିକ ରହିଛି। ଅନ୍ୟପଟେ ଙ, ଇଇ ଏବଂ ଜଷ- ରକ୍ତ ଗ୍ରୁପ ଥିବା ବ୍ୟକ୍ତିଙ୍କୁ ସଂକ୍ରମଣ କମ ଥାଏ। ଙ ରକ୍ତ ଗ୍ରୁପକୁ ଏକ ପ୍ରାକୃତିକ ସୁରକ୍ଷା କାରକ ଭାବେ ବିବେଚନା କରାଯାଇଛି। ଅଧ୍ୟୟନରେ ଦେଖାଯାଇଛି ଯେ, ଇ ରକ୍ତ ଗ୍ରୁପ ଥିବା ପୁରୁଷ ରୋଗୀମାନେ ମହିଳାଙ୍କ ତୁଳନାରେ ଅଧିକ ସଂକ୍ରମଣର ଥା'ନ୍ତି। ସେହିପରି, ୬୦ ବର୍ଷରୁ କମ ବୟସର ଇଇ ରକ୍ତ ଗ୍ରୁପ ଥିବା ବ୍ୟକ୍ତିଙ୍କ ମଧ୍ୟରେ ସଂକ୍ରମଣର ଆଶଙ୍କା ଅଧିକ।

କିଛି ଅନ୍ୟ ଅଧ୍ୟୟନ, ଯେପରିକି ଯୁକ୍ତରାଷ୍ଟ୍ରରେ କରାଯାଇଥିବା ଗବେଷଣା, ଦାବି କରିଛି ଯେ ରକ୍ତ ଗ୍ରୁପ ଓ କୋଭିଡ-୧୯ ସଂକ୍ରମଣ ମଧ୍ୟରେ କୌଣସି ସିଧାସଳଖ ସମ୍ପର୍କ ନାହିଁ। ଏହି ଅଧ୍ୟୟନ ଅନୁସାରେ, ଇ, ଇ, ଇଇ କିମ୍ବା ଙ ରକ୍ତ ଗ୍ରୁପ ସଂକ୍ରମଣ ବା ଗୁରୁତରତା ସହ ଜଡିତ ନୁହେଁ। ତେଣୁ, ଏହି ବିଷୟରେ ଅଧିକ ଗବେଷଣା ଆବଶ୍ୟକ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଅନୁସନ୍ଧାନରୁ ଜଣାପଡିଛି ଯେ ରକ୍ତ ଗ୍ରୁପରେ ଥିବା ନିର୍ଦ୍ଦିଷ୍ଟ ଆଣ୍ଟିଜେନ ଭୁତାଣୁର ସଂକ୍ରମଣ କ୍ଷମତାକୁ ପ୍ରଭାବିତ କରିପାରେ। ଉଦାହରଣ ସ୍ୱରୂପ, ଙ ରକ୍ତ ଗ୍ରୁପ ଥିବା ବ୍ୟକ୍ତିଙ୍କରେ ସଂକ୍ରମଣର ଆଶଙ୍କା କମ ଥାଏ କାରଣ ଏହାର ଆଣ୍ଟିଜେନ ଗଠନ ଭୁତାଣୁକୁ ଶରୀରରେ ପ୍ରବେଶ କରିବାରେ ବାଧା ସୃଷ୍ଟି କରିପାରେ। କିନ୍ତୁ, ଏହା ସମ୍ପୂର୍ଣ୍ଣ ସୁରକ୍ଷା ଦେଇନଥାଏ ବୋଲି ଗବେଷକମାନେ ଚେତାବନୀ ଦେଇଛନ୍ତି।ଆମେ କେଉଁ COVID-୧୯ ଭାରିଆଣ୍ଟ ଉପରେ ଅଛୁ? ବର୍ତ୍ତମାନ, ସାରା ଦେଶରେ ପ୍ରଭାବଶାଳୀ ଭାରିଆଣ୍ଟ ହେଉଛି ଖଚ.୮.୧, ଯାହାର ୭୦% ମାମଲା ରହିଛି, ଏହା ପରେ XFC, ୯% ମାମଲା ସହିତ ଏବଂ XEC, ୬% ମାମଲା ସହିତ। 'ମୂଳ ଓମିକ୍ରୋନ୍ ଭାରିଆଣ୍ଟ ଏବେ ଚାଲିଯାଇଛି,' ଡକ୍ଟର ଗୁପ୍ କୁହନ୍ତି। 'ବର୍ତ୍ତମାନ ଓମିକ୍ରୋନର ଉପ-ଭାରିଆଣ୍ଟଗୁଡ଼ିକ ପ୍ରସାରିତ ହେଉଛି, ଯେଉଁଥିରେ ଗଉ.୧.୧୦.୧, ଖଇ.୧.୩.୧,



ପ୍ରମୋଦ କୁମାର ପରିଡ଼ା

ଏବଂ ଖର.୭ ଅନ୍ତର୍ଭୁକ୍ତ।'

ଯଦି ଆପଣ ଉଙଠଓଉ-୧୯ ରୁ ଅସୁସ୍ଥ ହେବାର ବିପଦରେ ଅଛନ୍ତି, ଯେପରିକି ଆପଣ ଗର୍ଭବତୀ, ୬୦ ବର୍ଷ କିମ୍ବା ତା'ଠାରୁ ଅଧିକ ବୟସର, କିମ୍ବା ଆପଣଙ୍କର ପ୍ରତିରକ୍ଷା ଶକ୍ତି ଦୁର୍ବଳ, ତେବେ ସାହାଯ୍ୟ ନେବା ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ୫ ମଇ, ୨୦୨୩ରେ ଉଙଠଓଉ-୧୯ ପାଇଁ ବିଶ୍ୱବ୍ୟାପୀ ସାର୍ବଜନୀନ ସ୍ୱାସ୍ଥ୍ୟ ଜରୁରୀକାଳୀନ (ଚଐର)ର ସମାପ୍ତି ଘୋଷଣା କରିଥିଲା। ଆମେରିକାର ସ୍ୱାସ୍ଥ୍ୟ ଏବଂ ମାନବ ସେବା ବିଭାଗ (ଐଐଝ) ମଧ୍ୟ ଏହା ଅନୁସରଣ କରିଥିଲା, ୧୧ ମଇ, ୨୦୨୩ରେ ଯୁକ୍ତରାଷ୍ଟ୍ର ପାଇଁ ସମାନ ଘୋଷଣା କରିଥିଲା। ତଥାପି, ଏହା ମନେ ରଖିବା ଗୁରୁତ୍ୱପୂର୍ଣ୍ଣ ଯେ ଉଙଠଓଉ-୧୯ ଏକ ସାର୍ବଜନୀନ ସ୍ୱାସ୍ଥ୍ୟ ବିପଦ ହୋଇ ରହିଛି, ବିଶ୍ୱବ୍ୟାପୀ ପ୍ରତି ସପ୍ତାହରେ ଲକ୍ଷ ଲକ୍ଷ ମାମଲା ଏବେ ବି ନିଶ୍ଚିତ ହେଉଛି।

ସତର୍କତା ଏବଂ ଲକ୍ଷଣ

ଜ୍ୱର କିମ୍ବା ଥଣ୍ଡା ଲାଗିବା।,କାଶ ହେବା ନିଶ୍ୱାସ ଛାଡ଼ିବା କଷ୍ଟ କିମ୍ବା ନିଶ୍ୱାସ ନେବାରେ କଷ୍ଟ,ଗଳା ଯନ୍ତ୍ରଣା।

ନାକ ବନ୍ଦ ହେବା କିମ୍ବା ପାଣି ବହିବା, ସ୍ୱାଦ କିମ୍ବା ଗନ୍ଧର ନୂତନ କ୍ଷତି।

ଥକ୍କାପଣ।ମାଂସପେଶୀ କିମ୍ବା ଶରୀର ଯନ୍ତ୍ରଣା। ହୁଏ ତେବେ ଡାକ୍ତରଙ୍କ ପରାମର୍ଶ ନେବା ନିତ୍ୟାନ୍ତ ଆବଶ୍ୟକ।

ଗ୍ଲୋବାଲ୍ ଡେଭଲପମେଣ୍ଟ ସେଣ୍ଟର ଅନୁଯାୟୀ, ଏକ ମହାମାରୀ ହେବାର ବାର୍ଷିକ ସମ୍ଭାବନା ୨-୩%, ଯାହାର ଅର୍ଥ ଆଗାମୀ ୨୫ ବର୍ଷ ମଧ୍ୟରେ ଆଉ ଏକ ମାରାତ୍ମକ ମହାମାରୀ ହେବାର ସମ୍ଭାବନା ୪୭-୫୭%। ସୌଭାଗ୍ୟବଶତଃ, ଉଙଠଓଉ ଆମକୁ କିଛି ଶିକ୍ଷା ଦେଇଛି ଯାହା - ଯଦି ଆମେ ସେଗୁଡ଼ିକୁ ଧ୍ୟାନ ଦେବା - ତେବେ ପରବର୍ତ୍ତୀ ମହାମାରୀ ସହିତ ମୁକାବିଲା କରିବାରେ ଆମକୁ ସାହାଯ୍ୟ କରିବ। ୨୬ ଫେବୃଆରୀ ୨୦୨୫ ଠାରୁ ଆରମ୍ଭ ହୋଇଥିବା କୋଭିଡ ଧିରେ ଧିରେ ସାରା ପୃଥିବୀରେ ପରିବ୍ୟାପ୍ତ ହୋଇଗଲାଣି।

ଭାରତରେ ପ୍ରଥମ COVID-୧୯ ମାମଲା ୩୦ ଜାନୁଆରୀ ୨୦୨୦ ରେ କେରଳର ତିନୋଟି ସହରରେ ସଂକ୍ରମଣ ହୋଇଥିଲା, ମହାମାରୀ କେନ୍ଦ୍ର ଉହାନରୁ ଫେରିଥିବା ତିନି ଜଣ ଭାରତୀୟ ଡାକ୍ତରୀ ଛାତ୍ରଙ୍କ ମଧ୍ୟରେ ଚିହ୍ନଟ ହୋଇଥିଲା।

ଭାଇରସ୍ ସଂସ୍ପର୍ଶରେ ଆସିବାର ୨-୧୪ ଦିନ ପରେ କୋଭିଡ୍-୧୯ ଲକ୍ଷଣ ଦେଖାଦେଇପାରେ। ଥଣ୍ଡାର ଲକ୍ଷଣ ଧୀରେ ଧୀରେ ଦେଖାଯାଇପାରେ, ଯେତେବେଳେ ଫ୍ଲୁ ସାଧାରଣତଃ ହଠାତ୍ ଆରମ୍ଭ ହୁଏ। ସେହି ସମୟରେ କାଢ଼ା ପିଇବା,ମ୍ୟାସ୍କ ବ୍ୟବହାର କରିବା,ସାନିଟାଇଜର ହାତ ହେବା, ଜଳରେ ବେଟାଡିନ, ଅମୃତାଞ୍ଜନ ପକାଇ ବାମ୍ପ ନେବା, ଖରାରେ ବସିବା, ବାସି ତୋରାଣି ଓ ହଳଦୀ ପାଣି ପିଇବାକୁ ପରାମର୍ଶ ଦିଆଯାଏ। ତାପରେ କରେଣ୍ଟେନ ରେ ରହି ଦ୍ୱାରତା ଅମ୍ଳଳମନ ରେ ରହିବା ଆଦି ପରାମର୍ଶ ଦିଆଯାଏ।

କୌଣସି ଲକ୍ଷଣ ଦେଖାଯାଏ ତେବେ ସରକାରଙ୍କ ଓ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ନେବା ନିତ୍ୟାନ୍ତ ଜରୁରୀ ଅଟେ।

ମଦ୍ୟପାନ ଏବଂ ଅତ୍ୟଧିକ ବ୍ୟାୟାମ କରିବାରୁ ଦୂରେଇ ରୁହନ୍ତୁ, କାରଣ ଏହି କାର୍ଯ୍ୟକଳାପଗୁଡ଼ିକ ଆପଣଙ୍କ ଲକ୍ଷଣଗୁଡ଼ିକୁ ଆହୁରି ଖରାପ କରିପାରେ।

*ସମ୍ପାଦକ, ସମରକାନ୍ତି ସେନା*
*ଭୁବନେଶ୍ୱର*

### ଗ୍ରାମ୍ୟ ରାସ୍ତା ଖୋଳାଯିବା ନେଇ ଥାନାରେ ଅଭିଯୋଗ

# ପୋଲିସ କାର୍ଯ୍ୟାନୁଷ୍ଠାନ ନେଉ ନଥିବା ଅଭିଯୋଗ

କେନ୍ଦୁଝର(ପିଏନ) ଝୁମ୍ପୁରା ତହସିଲ ଅନ୍ତର୍ଗତ ବସନ୍ତପୁର ପ ାୟତର ନଈବୁଗା ପଂଚାୟତ ରାସ୍ତାକୁ କେତେକ ମୁଷ୍ଟିମେୟ ଲୋକ ଜେସିବି ମେସିନ ଦ୍ୱାରା ରାସ୍ତା କାଟି ଦେବା ଘଟଣାକୁ ନେଇ ବିବାଦ ଘନୀଭୂତ ହେବାରେ ଲାଗିଛି। ଏହି ଘଟଣାକୁ ନେଇ ଚମ୍ପୁଆ ଉପଜିଲ୍ଲାପାଳ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ କରି ରାସ୍ତା କାଟିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏହି ବେଆଇନ କାମ ପ୍ରତିବାଦରେ ସ୍ଥାନୀୟ ବସନ୍ତପୁର ସରପ ଲିପାରାଣୀ ନାୟକ ବାମେବାରୀ ଥାନାରେ ଲିଖିତ ଏତଲା ଦେଇଥିଲେ ହେଁ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଅସନ୍ତୋଷ ବଢୁଛି। ପ୍ରକାଶ ଯେ, ଉକ୍ତ ଗ୍ରାମ୍ୟ ରାସ୍ତା ୧୯୬୫ ମସିହାରୁ ଓଏମ୍‌ସି ଖଣି ପରିବହନ ପାଇଁ ବ୍ୟବହାର କରାଯାଇ ଆସୁଥିଲା। ସେହି ରାସ୍ତାରେ ଗ୍ରାମବାସୀ ମଧ୍ୟ ଯାତାୟତ କରୁଥିଲେ। ତେବେ ଦୀର୍ଘ ପ୍ରାୟ ୧୦୦ ବର୍ଷ ପରେ ୨ଜଣ ଆଦିବାସୀ ରାଇମଣୀ ଚମ୍ପିଆ ଓ ଜୟରାମ ମୁଣ୍ଡା ଚମ୍ପୁଆ ଉପଜିଲ୍ଲାପାଳଙ୍କ କୋର୍ଟରେ ତାଙ୍କ ଜମି ଉପରେ ମେସର୍ସ ତାରିଣୀ ପ୍ରସାଦ ମହାନ୍ତି ଜବର ଦଖଲ କରି ରାସ୍ତା ନିର୍ମାଣ କରି ଖଣି ପରିବହନ କରୁଥିବା ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଏହି ରାସ୍ତା ଉପରେ ଉପଜିଲ୍ଲାପାଳ ଜମି ଚିହ୍ନଟ ପାଇଁ ପାଇଁ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ ଦେଇଥିଲେ। ୨୧ ତାରିଖ ଦିନ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ମାପଚୁପ କରାଯାଇଥିଲା। ଜମି ମାପଚୁପ ବେଳେ ଝୁମ୍ପୁରା ଅତିରିକ୍ତ ତହସିଲଦାର କ୍ରେସନସିୟା ତିର୍କି କହିଥିଲେ ଉପଜିଲ୍ଲାପାଳଙ୍କ ଫାଇନାଲ ଅର୍ଡର ହେବା ପର୍ଯ୍ୟନ୍ତ ଜମି ଯେପରି ଅଛି ସେପରି ରହିବ ଏବଂ ଯେପରି ବ୍ୟବହାର ହେଉଛି ସେପରି ବ୍ୟବହାର ହେବ। କିନ୍ତୁ ତାଙ୍କ ଆଦେଶକୁ ଅବମାନନା କରି କେତେକ ମୁଷ୍ଟିମେୟ ଲୋକ ରାସ୍ତା କାଟି ଦେବା ଫଳରେ ବିବାଦୀୟ ପରିସ୍ଥିତି ଦେଖାଦେଇଛି। ଜେସିବି ମେସିନ ସହାୟତାରେ ରାସ୍ତାକୁ କାଟି ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ କରିବା ଫଳରେ ଗାଁ ଅଶାନ୍ତ ହୋଇପଡିଛି। ଏହି ରାସ୍ତା ଉପରେ ଚୁଡିସାହି,ମୁଣ୍ଡାସାହି,ସାକ୍ରାଡିହି,ନଈବୁଗା ଆଦି ୧୦ଟି ସାହି ବିଚ୍ଛିନ୍ନ ହୋଇଯିବା ଫଳରେ ପାଣି,ଆମ୍ବୁଲାନ୍ସ,ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣରେ ବାଧାପ୍ରାପ୍ତ ହୋଇଥିଲା। ଏହି ବେଆଇନ ରାସ୍ତା ଖୋଳା ନେଇ ସ୍ଥାନୀୟ ସରପ ବାମେବାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ବାମେବାରୀ ପୋଲିସ ପକ୍ଷରୁ ତତ୍ପରତା ପ୍ରଦର୍ଶନ କରୁନଥିବାରୁ ଉକ୍ତ ଅ ଳ ଅଶାନ୍ତ ହୋଇପଡିଛି। ଗତକାଲି ରାସ୍ତାର ସ୍ଥିତାବସ୍ଥା ଫେରାଇ ଆଣିବାକୁ ଝୁମ୍ପୁରା ତହସିଲଦାର ପ୍ରତିମା ପୃଷ୍ଟି ଏବଂ ଏସ୍‌ଡିପିଓ ବଡବିଲ ହିମାଂଶୁ ବେହେରାଙ୍କ ଉପସ୍ଥିତିରେ ଉଦ୍ୟମ କରିଥିଲେ ହେଁ କିଛି ଅସାମାଜିକ ଲୋକ ଗଣ୍ଡଗୋଳ କରି କାମ କରାଇ ଦେଇନଥିଲେ। ପୋଲିସ ନୀରବଦ୍ରଷ୍ଟା ସାଜି ଚୁପ ବସିଥିବାବେଳେ ଅସାମାଜିକ ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେଇନଥିଲା। ଏନେଇ ଉପଜିଲ୍ଲାପାଳ ଚମ୍ପୁଆ ପ୍ରତାପ ପ୍ରିତିମୟଙ୍କ ସହ ଯୋଗାଯୋଗ କରିବାରୁ ରାସ୍ତାର ମାପଚୁପ ପାଇଁ କୁହାଯାଇଥିଲା। ଯେଉଁମାନେ ରାସ୍ତା କାଟିଛନ୍ତି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ କୁହାଯାଇଛି। ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ସ୍ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଗତକାଲି ରାତିରେ କିଛି ଲୋକ ଉକ୍ତ ରାସ୍ତାକୁ ପୁଣି ଥରେ ହାଣି ଦେଇଥିବାରୁ ଯାତାୟତ ବ୍ୟାଘାତ ହୋଇଛି। ସରପ ଙ୍କ ଅଭିଯୋଗ ଅନୁଯାୟୀ ବ୍ରହ୍ମେଶ୍ୱର ମହାକୁଡ,ସୁବାସ ମହାକୁଡ,ମଦନ ମୋହନ ବେହେରା,ସୁବ୍ରତ ପଲେଇଙ୍କ ସମେତ ଅନ୍ୟମାନେ ତାଙ୍କୁ ଜାତିଆଣ ଗାଳିଗୁଲଜ କରିବା ସହ ୨ଟି ଜେସିବି ମେସିନ ସାହାଯ୍ୟରେ ରାସ୍ତା କାଟିଥିବା ନେଇ ଅଭିଯୋଗ କରିଛନ୍ତି।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା। ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ। ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ। ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଲା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଲା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି। ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି।

# ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧ୍ୟାପକ ଓ ଅଧ୍ୟାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଲା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଲେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଅଭିଯୋଗ ଆଧାରରେ ଅଧ୍ୟକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଲୁ କରିଛନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ । ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି । ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେ । ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧ୍ୟାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟରେ ପହଞ୍ଚିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ । ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧ୍ୟାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/ ୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧ୍ୟକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧ୍ୟାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣା ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ । କେବଳ ଏତିକି ନୁହେଁ ଅଧ୍ୟକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି । ପୁଣି କେତେକ ଅଧ୍ୟାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି । ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ । ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କ ମଧ୍ୟରୁ ବଳି ପଡ଼ିବ କିଏ । ଏହି ବିବାଦ ମଧ୍ୟରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି , ତାହା କେବଳ ପରବର୍ତ୍ତି ସମୟ ହିଁ କହିବ ।


TALCHER MUNICIPALITY

OFFICE OF THE MUNICIPAL COUNCIL, TALCHER
DIST :- ANGUL, PIN-759107

Phone No.- (06760) 240259 E-Mail ID : e.o.talcher@gmail.com

No. 1719 / Dt. 21.5.2025

SHORT TENDER CALL NOTICE

Sealed Tenders are invited in percentage rate bid system conformity with detail tender call notice to the following works from the registered contractors of Talcher Municipality. The Tender Paper sale & receipt will be during the office hour on payment of paper cost (non-refundable) as indicated against each work from **dt. 21-05-2025 to dt. 31-05-2025 upto 11:00 AM**. The tender paper along with all documents should reach the undersigned by person on or before date **02.06.2025 up to 10.00 AM**. and it will be opened same day **at 12:00 Noon** in the presence of tenderer of their authorized agent. EMD shall be made in shape of NSC / BD / KVP / Fix Deposits duly pledged in favour of the Executive Officer, Talcher Municipality @ 1% of the estimated amount. The original EMD, Money Receipt of Tender Paper Cost shall be attached with the tender paper, failing which the tender shall not be taken into consideration. The copy of upto date contractor incense, GSTIN certificate or affidavit, ITCC must be submitted with the tender paper and the original should be produced at the time of opening the tender paper. The tenders are requested to drop the sealed tender document in the tender box available in the office chamber of the Executive Officer, Talcher Municipality. The receipt of tender document beyond the schedule date of time / postal delay will not be entertained.

The authority reserves the right to reject any or all the tenders without any reason thereof.

| Sl. No. | Name of the Work | Estimated Cost (Rs.) | Cost of EMD (1%) | Cost of T.P. | Class of Contractor | Period of Completion |
|---|---|---|---|---|---|---|
| 1 | Renovation of CC Drain near Rash Party Club in W.No.-06. | 1,99,400 /- | 1,994 /- | 600 /- | Municipal Contractor | Twenty Days |
| 2 | Renovation of CC Drain near Mini Park in W.No.-12. | 1,99,400 /- | 1,994 /- | 600 /- | Municipal Contractor | Twenty Days |
| 3 | Renovation of CC Drain near Anganwadi Centre in W.No.-2. | 1,99,400 /- | 1,994 /- | 600 /- | Municipal Contractor | Twenty Days |
| 4 | Renovation of CC Drain near Trinath Club in W.No.- 04. | 1,99,400 /- | 1,994 /- | 600 /- | Municipal Contractor | Twenty Days |
| 5 | Renovation of CC Drain near Hanuman Mandir in W.No.-13. | 1,99,400 /- | 1,994 /- | 600 /- | Municipal Contractor | Twenty Days |
| 6 | Renovation of CC Drain near Kalyana Mandap in W.No.-19. | 1,99,400 /- | 1,994 /- | 600 /- | Municipal Contractor | Twenty Days |
| 7 | Painting of Bathing Ghat near Bramhani River in W.No.-01. | 1,92,000 /- | 1,920 /- | 600 /- | Municipal Contractor | Ten Days |
| 8 | Painting of Bathing Ghat near Bramhani River in W.No.-03. | 1,28,500 /- | 1,285 /- | 600 /- | Municipal Contractor | Ten Days |
| 9 | Renovation of Bathing Ghat Road and Step near Bramhani River in W.No.-01. | 1,99,300 /- | 1,993 /- | 600 /- | Municipal Contractor | Ten Days |
| 10 | Providing Fitting & Fixing of UPVC Door at Municipality office Tax Section Side. | 1,95,600 /- | 1,956 /- | 600 /- | Municipal Contractor | Ten Days |
| 11 | Providing Fitting & Fixing of UPVC Door at Municipality office. | 1,45,000 /- | 1,450 /- | 600 /- | Municipal Contractor | Ten Days |
| 12 | Renovation of Municipality Quarter in W.No.-03. | 1,99,100 /- | 1,991 /- | 600 /- | Municipal Contractor | Ten Days |
| 13 | Installation of Ganesh Statue inside Municipality office Premises. | 80,680 /- | 868 /- | 400 /- | Municipal Contractor | Ten Days |

Executive Officer
Talcher Municipality

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ



## ବନ୍ଦର କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ପାରାଦ୍ୱୀପ,(ପି.ଏନ): ପାରାଦ୍ୱୀପ ବନ୍ଦରରେ ବରିଷ୍ଠ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟ କରୁଥିବା ଅକ୍ଷୟ କୁମାର ବେହେରା ଚାକିରୀରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବନ୍ଦର ସହରର ଜେସି କଲୋନୀ ପକ୍ଷରୁ ତାଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ବନ୍ଦର ଡାକ୍ତରଖାନାର ଉପ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଦୁର୍ଗା ପ୍ରସାଦ ସେଠୀ ଯୋଗଦେଇ ଶ୍ରୀ ବେହେରାଙ୍କ ନିଷ୍ଠାପର କାର୍ଯ୍ୟ ଓ ସମୟାନୁବର୍ତ୍ତିତା ପାଇଁ ତାଙ୍କୁ ପ୍ରଶଂସା କରିଥିଲେ। ବନ୍ଦରରେ ଦୀର୍ଘ ୩୩ବର୍ଷ ଧରି ସେ ସେବା ଯୋଗାଇ ସମସ୍ତଙ୍କର ପ୍ରିୟପାତ୍ର ଥିଲେ ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବନ୍ଦର ଟ୍ରଷ୍ଟି ସୁନୀଲ ଦାସ, ଡା. ରୁନୁ ସିଂ, ଡା. ବାଦଲ ସିଂ, ଶ୍ରମିକ ନେତା ଗୁଣନିଧି ଚୌଧୁରୀ, ଅବସରପ୍ରାପ୍ତ ବର୍ଥାଙ୍ଗ ମାଷ୍ଟର ଗାଲେଖ ଚନ୍ଦ୍ର ପ୍ରଧାନ, ବିସିସିଆଇ ପ୍ରଶିକ୍ଷକ ଜର୍ଜ ପଲ ରବୀନସନ, ବନ୍ଦରର ବରିଷ୍ଠ କର୍ମଚାରୀ ଧ୍ରୁବ ଚନ୍ଦ୍ର ତରାଇ, ଇଂ.ତନ୍ମୟ କୁମାର ଦାସ, ଇଂ. ରମାକାନ୍ତ ନାୟକ, ନିରଞ୍ଜନ ରଥ, ବିକେ ସ୍ୱାଇଁ ଓ ସାମ୍ବାଦିକା ଗୀତାଞ୍ଜଳି ସ୍ୱାଇଁ ପ୍ରମୁଖ ଯୋଗଦେଇ ଶ୍ରୀ ବେହେରାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ। ସଭା ଶେଷରେ ତାଙ୍କୁ ଉତ୍ତରୀୟ ଓ ଫୁଲ ତୋଡ଼ା ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ବନ୍ଦର କର୍ମଚାରୀ ସାମିଲ ହୋଇଥିଲେ।

## ପାଣି ପାଇଁ ରାଜରାସ୍ତାରେ ଦଶପୁର ବାସୀ



ଧର୍ମଗଡ଼,(ପି ଏନ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଦଶପୁର ଗାଆଁ ରେ ମୌଳିକ ଅଧିକାର ପାଇଁ ରାଜ ରାସ୍ତା କୁ ଓହ୍ଲେଇ ଲେ ଶତାଧିକ ମହିଳା ଓ ପୁରୁଷମାନେ । ପାନୀୟ ଜଳ ସଂକଟ ପାଇଁ ବୃନ୍ଦାବାହାଲ ରୁ ଜାରିଙ୍ଗ କୁ ସଂଯୋଜକ କରୁଥିବା ମୁଖ୍ୟ ରାସ୍ତା କୁ ଅବୋରୋଧ କରି ଦଶପୁର ଠାରେ ରାସ୍ତାରେ ଗରା, ମାଠିଆ, ବାଲ୍ଟି ପାଣି ଡବା ରଖି ରାସ୍ତା ରୋକ କରିଥିବାର ଦେଖିବାକୁ ମିଳିଛି । ଦିନ ୧୧ ଟା ଠାରୁ ରାସ୍ତା ଅବରୋଧ ଯୋଗୁଁ ଅନେକ ଗାଡ଼ି ମଟର ଯାତାୟାତ ଠପ୍ ରହିଥିବାର ଦେଖିବାକୁ ମିଳିଥିଲା। ଏ ବିଷୟରେ ଦୀର୍ଘ ଦୁଇବର୍ଷ ହେବ ପଞ୍ଚାୟତ ପ୍ରଶାସନ ଠାରୁ ବ୍ଲକ ପ୍ରଶାସନ ଙ୍କୁ ଜଣାଇଲେ ସୁଦ୍ଧା କିଛିବି ଫଳପ୍ରଦ ହେଉନଥିବା ଗ୍ରାମବାସୀ ଙ୍କ ଠାରୁ ପ୍ରକାଶ ପାଇଛି । ଗତ ତିନି ମାସ ତଳେ ମଧ୍ୟ ରାସ୍ତା ଅବରୋଧ କରିଥିଲେ ଦଶପୁର ଗ୍ରାମ ବାସିନ୍ଦା ହେଲେ। ସେହି ସମୟରେ ପ୍ରଶାସନ ଅଧିକାରୀ ଓ ଦଶପୁର ସରପଞ୍ଚ ପାଣି ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ ଦୁର୍ଭାଗ୍ୟର ବିଷୟ ଆଜିଯାଏଁ ପାଣିର ସମସ୍ୟା ର ସମାଧାନ ହେଇପାରିଲା ନାହିଁ । ଯାହା ଫଳରେ ବାଧ ହୋଇ ଆଜି ମଧ୍ୟ ରାସ୍ତା କୁ ଓହ୍ଲାଇ ଥିବାର ଦେଖିବାକୁ ମିଳିଛି । ପାଣି ସମସ୍ୟା ର ସମାଧାନ ନହେଲେ ରାସ୍ତା ରୋକ ଜାରି ରହିବ ବୋଲି ଗ୍ରାମବାସୀ ଙ୍କ ମଧ୍ୟରୁ ପ୍ରକାଶ ପାଇଛି ।

## ବ୍ୟାସ ଫାଉଣ୍ଡେସନ ଦ୍ୱାରା ଅସହାୟ ଓ ମାନସିକ ଭିନ୍ନକ୍ଷମ ଉଦ୍ଧାର ଓ ଥଇଥାନ ବ୍ୟବସ୍ଥା



ପାରାଦୀପ,(ପି.ଏନ): ସେବା ଓ ଆଧ୍ୟାତ୍ମିକ ପ୍ରଚାର ପ୍ରସାର ଧର୍ମ ସଂଗଠନ ବ୍ୟାସ ଫାଉଣ୍ଡେସନ ସମାଜ କଲ୍ୟାଣକାରୀ କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ସାଧାରଣ ଜନତାଙ୍କ ନିକଟରେ ନିଜର ପରିଚୟ ସୃଷ୍ଟି କରି ପାରିଛି। ବାଲିକୁଦା ଅରିଲୋ ଗ୍ରାମର ଜନୈକ ମହିଳା ଅନେକ ଚିକିତ୍ସା ପରେ ତାଙ୍କର ମାନସିକ ଉନ୍ନତି ନ ହେବା ଦ୍ୱାରା ଶେଷରେ ଶାଶୁ ଘର ଲୋକେ ତାଙ୍କୁ ଘରୁ ବାହାର କରିଦେଇଥିଲେ। ମହିଳାଙ୍କ ମାନସିକ ସନ୍ତୁଳନ ଅଧିକରୁ ଅଧିକ ଖରାପ ହେବାରୁ ଗ୍ରାମର ମୁରବି ସ୍ଥାନୀୟ ବ୍ୟକ୍ତି ଜିଲ୍ଲା ସାମାଜିକ ଅଧିକାରିଣୀ ମମତା ନାୟକ ଙ୍କୁ ମହିଳାଙ୍କ ଅବଶିଷ୍ଟ ଜୀବନ, ତଥା ସୁରକ୍ଷା ପାଇଁ ଗୁହାରୀ କରିବା ପରେ, ଶ୍ରୀମତୀ ନାୟକ ବ୍ୟାସ ଫାଉଣ୍ଡେସନ ର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟ ଙ୍କୁ ଉକ୍ତ ମହିଳାଙ୍କୁ ନୀଳାଚଳ ସେବା ପ୍ରତିଷ୍ଠାନ କଣାସ ଠାରେ ଅବସ୍ଥାପିତ କରାଇଲେ। ସେହିପରି ଶ୍ରୀମତୀ ଆଚାର୍ଯ୍ୟ ନିଜ ପୁଅ ଝିଅଙ୍କ ଜନ୍ମ ଦିନ ପାଳନ ପାଇଁ ପୁରୀ ଯାଉଥିବା ସମୟରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର ସ୍ୱାଗତ ଦାସ, ସାଗର କୁମାର ବେହେରା ତଥା ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ମମତା ନାୟକଙ୍କ ଫୋନ କଲ୍ ପାଇ ଜନ୍ମ ଦିନ, ପୁରୀ ଯିବା କଥା ଭୁଲି ତୁରନ୍ତ ଜଣେ ଅସହାୟ ଲୋକ କୁ ଉଦ୍ଧାର କରି କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସା କରାଇବା ବ୍ୟବସ୍ଥା କରାଇଥିଲେ। ପ୍ରକାଶଥାଉକି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରତୀକ୍ଷାଳୟରେ ଆଜକୁ ୬/୭ ଦିନ ହେବ ଜଣେ ଅସହାୟ ବ୍ୟକ୍ତି ଯନ୍ତ୍ରଣାରେ ଛଟପଟ ହୋଇ ପଡି ରହିଥିଲେ ଓ ବ୍ୟକ୍ତି ଜଣକ ଚଳନକ୍ଷମ ନ ଥିଲେ। ମେଡିକାଲ୍ କର୍ମଚାରୀ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ବ୍ୟକ୍ତି ଙ୍କୁ କିପରି କେଉଁଠି ଅବସ୍ଥାପିତ କରାଯିବ,ସେ ସମ୍ପର୍କରେ କୌଣସି ନିଷ୍କର୍ଷ ହୋଇ ପାରି ନ ଥିଲା, କାରଣ ଜଗତସିଂହପୁର ଜିଲ୍ଲାରେ କୌଣସି ଅସହାୟ କେନ୍ଦ୍ର ନାହିଁ। ଶେଷରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ମମତା ନାୟକ ବ୍ୟାସ ଫାଉଣ୍ଡେସନର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟ ଙ୍କ ଉପରେ ଆସ୍ଥା ପ୍ରକଟ କରି ଲୋକଟି ର ଥଇଥାନ ନିମନ୍ତେ ଅନୁରୋଧ କରିଥିଲେ। ଶ୍ରୀମତୀ ଆଚାର୍ଯ୍ୟ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଲୋକ ଟିକୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବଡ଼ ଡ଼ାକ୍ତରଖାନା କଟକକୁ ସ୍ଥାନାନ୍ତରିତ କରାଇ ଚିକିତ୍ସା ସେବା ଯୋଗାଇ ଦେଇଥିଲେ। ଜିଲ୍ଲାରେ ଏକ ଅସହାୟ କେନ୍ଦ୍ର ନ ଥିବାରୁ ଅନେକ ସମୟରେ ଅନେକ ଅସହାୟ ଲୋକ ମାନେ ଏପରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ଜିଲ୍ଲା ପ୍ରଶାସନ ମାଧ୍ୟମରେ ଏକ ଅସହାୟ କେନ୍ଦ୍ର ଖୋଲିବା ପାଇଁ ଶ୍ରୀମତୀ ଆଚାର୍ଯ୍ୟ ସରକାରଙ୍କୁ ନିବେଦନ କରିଛନ୍ତି। ନିଜ ଜନ୍ମ ଦିନକୁ ସ୍ମରଣୀୟ କରିବା ପାଇଁ ମା ଙ୍କ ଏପରି କାର୍ଯ୍ୟ କୁ ପୁଅ ସତ୍ୟପ୍ରିୟ ଓ ଝିଅ ଅନନ୍ୟା ତଥା ବ୍ୟାସ ଫାଉଣ୍ଡେସନ ର ସଭାପତି ତ ସିଦ୍ଧ ?ଶ୍ୱର ପଣ୍ଡା ସହଯୋଗ କରିଥିଲେ।

## କଷ୍ଟ୍ ଆଣ୍ଡ୍ ମ୍ୟାନେଜମେଂଟ୍ ଆକାଉଟାଂଟ୍ମାନେ ସମୃଦ୍ଧ ଏବଂ ବିକଶିତ ଭାରତ ଗଠନ ପାଇଁ ନିରନ୍ତର କାର୍ଯ୍ୟ କରନ୍ତୁ : ରାଜ୍ୟପାଳ



ଭୁବନେଶ୍ୱର,(ପି.ଏନ): କଷ୍ଟ୍ ଆଣ୍ଡ୍ ମ୍ୟାନେଜମେଂଟ୍ ଆକାଉଟାଂଟ୍ମାନେ ଏକ ସମୃଦ୍ଧ ଓ ବିକଶିତ ଭାରତ ଗଠନ ପାଇଁ ନିରନ୍ତର କାର୍ଯ୍ୟ କରନ୍ତୁ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଆହ୍ୱାନ ଜଣାଇଛନ୍ତି। ଚଳିତ ମଇ ୨୩ ତାରିଖ ଦିନ ସୋଆ ବିଶ୍ୱ ବିଦ୍ୟାଳୟର ଅଡ଼ିଟୋରିୟମ୍ଠାରେ ଆୟୋଜିତ ୬୨ତମ ଜାତୀୟ କଷ୍ଟ୍ ଆଣ୍ଡ୍ ମ୍ୟାନେଜମେଂଟ୍ ଆକାଉଟାଂଟ୍ ସମ୍ମିଳନୀକୁ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରି ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ଏହି ସମ୍ମିଳନୀରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଭାରତ ୫ଟ୍ରିଲିୟନ ଡଲାର ଅର୍ଥନୀତି ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନ ପୂରଣ ଆଡକୁ ଅଗ୍ରସର ହେଉଥିବାବେଳେ କଷ୍ଟ୍ ଆଣ୍ଡ୍ ମ୍ୟାନେଜମେଂଟ୍ ଆକାଉଟାଂଟ୍ ମାନଙ୍କର ଭୂମିକା ପୂର୍ବ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଛି। ବିଶ୍ୱ ଏକ ଅଭୁତପୂର୍ବ ଗତିରେ ବିକଶିତ ହେଉଛି। କୃତ୍ରିମ ବୁଦ୍ଧିମତା ଠାରୁ ଡାଟା ଆନାଲିଟିକ୍ସ ପର୍ଯ୍ୟନ୍ତ, ପ୍ରଯୁକ୍ତି ବିଦ୍ୟା ବ୍ୟବସାୟ ପରିଚାଳନାକୁ ରୂପଦେବା, ବିଶ୍ୱ ଗତିଶୀଳତା କ୍ଷେତ୍ରରେ ଆହ୍ୱାନର ମୁକାବିଲା ପାଇଁ ବୃ ିଧାରୀମାନଙ୍କର ଆବଶ୍ୟକତା ରହିଛି, ଯେଉଁମାନେ ନେତୃତ୍ୱ ନେଇ ପାରିବେ। ଏ କ୍ଷେତ୍ରରେ ଆପଣମାନଙ୍କର ବିଶେଷଜ୍ଞତା କେବଳ ମୂଲ୍ୟବାନ ନୁହେଁ, ବରଂ ଅପରିହାର୍ଯ୍ୟ। ବ ର୍ମାନ ବ୍ୟବସାୟରେ କାର୍ଯ୍ୟକଳାପ ଆଧାରିତ ମୂଲ୍ୟ ଏବଂ ଲିଂକ୍ ଆକାଉଟିଂ ଭଳି ନିୟନ୍ତ୍ରଣ କୌଶଳକୁ ଗ୍ରହଣ କରାଯାଉଛି। ଏହି ପରିବ ର୍ନ ବଜେଟିଂ ଏବଂ ପୂର୍ବାନୁମାନ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ କଷ୍ଟ୍ ଆଣ୍ଡ୍ ମ୍ୟାନେଜମେଂଟ୍ ଆକାଉଟିଂ ପାଇଁ ବର୍ଦ୍ଧିତ ଚାହିଦା ସୃଷ୍ଟି କରିଛି ବୋଲି ରାଜ୍ୟପାଳ କହିଥିଲେ। ପୁଣି ରାଜ୍ୟପାଳ କହିଥିଲେ ଯେ, ସବୁଜ ଅର୍ଥନୀତି, କାର୍ବନ ଫୁଟ୍ ପ୍ରିଟଂ ଆକାଉଟିଂ ଏବଂ ଇ.ଏସ୍.ଜି. କାର୍ଯ୍ୟଧାରା ମୂଲ୍ୟାଙ୍କନରେ ଭାରତୀୟ କଷ୍ଟ୍ ଆକାଉଟାଂଟ୍ ସଂସ୍ଥାର ପ୍ରୟାସକୁ ପ୍ରଶଂସା କରିଥିଲେ। ଏତଦ୍‌ବ୍ୟତୀତ କଷ୍ଟ୍ ଆଣ୍ଡ୍ ମ୍ୟାନେଜମେଟ୍ଂ ଆକାଉଟାଂଟ୍ ମାନଙ୍କର ପଦକ୍ଷେପ ଗୁଡ଼ିକ ଆତ୍ମ ନିର୍ଭର ଭାରତ ଏବଂ ମେକ୍ ଇନ୍ ଇଣ୍ଡିଆ ଭଳି ଜାତୀୟ ପ୍ରାଥମିକତା ବିଷୟ ସହିତ ସମନ୍ୱିତ କରୁଛି ବୋଲି କହିଥିଲେ। ଓଡ଼ିଶା ଏହାର ସମୃଦ୍ଧ ଶିଳ୍ପ, ପ୍ରଗତିଶୀଳନୀତି ଏବଂ ଶିକ୍ଷା ଉପରେ ଧ୍ୟାନ ସହିତ ଭାରତର ଅଭିବୃଦ୍ଧିରେ ଏକ ଶକ୍ତିଶାଳୀ କେନ୍ଦ୍ର ଭାବେ ଉଭା ହୋଇଛି। ଆଇ.ସି.ଏମ.ଏ ଆଇ ଏବଂ ଓଡ଼ିଶାର ଇକୋ ସିଷ୍ଟମ୍ ମଧ୍ୟରେ ସହଯୋଗର ଅପାର ସମ୍ଭାବନା ରହିଛି। ଆପଣମାନେ ଏମ୍.ଏସ୍.ଏମ୍.ଇ.କୁ ସହଯୋଗ କରି ଦକ୍ଷତା ବୃଦ୍ଧି କରିପାରିବେ। ଦକ୍ଷତା ବୃଦ୍ଧି ଏବଂ ନବସୃଜନ ପ୍ରତି ଆପଣମାନଙ୍କର ପ୍ରତିବଦ୍ଧତା ଭବିଷ୍ୟତ ପୀଢ଼ି ପାଇଁ ସ୍ଥିରତା ଏବଂ ଉତ୍କର୍ଷତାର ଐତିହ୍ୟ ଗଠନ କରିପାରିବ ବୋଲି ରାଜ୍ୟପାଳ କହିଥିଲେ । ସମ୍ମିଳନୀର ଉଦ୍‌ଘାଟନୀ ସମାରୋହରେ ଇଣ୍ଡିଆନ୍ ରିନ୍ୟୁଏବଲ୍ ଏନର୍ଜି ଡେଭେଲପମେଂଟ ଏଜେନ୍ସି ଲିଃର ଚେୟାରମ୍ୟାନ ଓ ମ୍ୟାନେଜିଂ ଡିରେକ୍ଟର ପ୍ରଦୀପ କୁମାର ଦାସ, ଓପିଜିସି ଲିଃର ନିର୍ଦ୍ଦେଶକ ଗଗନ ବିହାରୀ ସ୍ୱାଇଁ, ଆଇସିଏମ୍ଏଆଇର ଅଧକ୍ଷ ତଥା ଚିଫ୍ ପାଟ୍ରନ ବିଭୁତି ଭୂଷଣ ନାୟକ, କାଉନସିଲ୍ ମେମ୍ବର ତଥା କନ୍‌ଭେନର ମନୋଜ କୁମାର ଆନନ୍ଦ ଓ ବିନୟ ରଂଜନ ପି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ପ୍ରାରମ୍ଭରେ ଏନ୍‌ସିଏମ୍ଏସିର ଚେୟାରମ୍ୟାନ ଶ୍ରୀନିବାସ ପ୍ରସାଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।






Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray